

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



RNI Regn No- ODIODI/2014/57766.

ବର୍ଷ- ୧୧ ସଂଖ୍ୟା-୧୦୬ ଭୁବନେଶ୍ୱର ମଙ୍ଗଳବାର, ଡ଼ିସେମ୍ବର ୨୪.୨୦୨୪ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.106 Bhubaneswar, Tuesday, December 24, 2024


# ଏଣିକି ଫେଲ୍ ହେଲେ ଫେଲ୍

## ଫେଲ୍ ହୋଇଥିବା ୫ମ-୮ମ ପିଲା ପାସ୍ ହେବେ ନାହିଁ

ନୂଆଦିଲ୍ଲୀ, ୨୩/୧୨ :ସ୍କୁଲ ଶିକ୍ଷାରେ ବଡ଼ ପରିବର୍ତ୍ତନ କରିଛନ୍ତି କେନ୍ଦ୍ର ସରକାର। ୫ମ ଓ ୮ମ ଶ୍ରେଣୀରେ ରହିଥିବା ଫେଲ୍ ନ ହେବା କଟକଣାକୁ ଆଜି ସରକାର ହଟାଇ ଦେଇଛନ୍ତି। ଯେଉଁ ପିଲାମାନେ ବାର୍ଷିକ ପରୀକ୍ଷାରେ ପାସ୍ କରିପାରିବେ ନାହିଁ, ସେମାନଙ୍କୁ ସ୍କୁଲ ପକ୍ଷରୁ ଫେଲ ଘୋଷଣା କରାଯାଇ ପାରିବ। ସେହିପରି ସେମାନେ ପରବର୍ତ୍ତୀ କ୍ଲାସକୁ ମଧ୍ୟ ଯାଇ ପାରିବେ ନାହିଁ। ତେବେ ୫ମ ଓ ୮ମ ଶ୍ରେଣୀରେ ଫେଲ ହେଉଥିବା ପିଲାମାନଙ୍କୁ ଆଉ ଗୋଟିଏ ସୁଯୋଗ ଦିଆଯିବ। ସେମାନେ ୨ ମାସ ମଧ୍ୟରେ ପୁଣି ପରୀକ୍ଷାର ସୁଯୋଗ ପାଇପାରିବେ। ଉକ୍ତ ରିଟେଷ୍ଟରେ କୃତ୍ତକାର୍ଯ୍ୟ ହେଲେ, ସେମାନେ ପରବର୍ତ୍ତୀ ଶ୍ରେଣୀକୁ ଯାଇ ପାରିବେ। କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ସ୍କୁଲ ଗୁଡ଼ିକରେ ଏହି ନିୟମ ଲାଗୁ ହେବ। ଏନେଇ କେନ୍ଦ୍ର ଶିକ୍ଷା ସଚିବ ସଞ୍ଜୟ କୁମାର ସୂଚନା ଦେଇଛନ୍ତି। ଶିକ୍ଷା ଅଧିକାରୀ ଆଇନ ୨୦୧୯ରେ ସଂଶୋଧନ କରି ୧୬ ରାଜ୍ୟ ଓ ୨ କେନ୍ଦ୍ର ଶାସିତ ଅଞ୍ଚଳର ସ୍କୁଲ ଗୁଡ଼ିକ ଫେଲ୍ ନ ହେବା କଟକଣାକୁ ହଟାଇ ଦେଇଛନ୍ତି। ସେମାନେ ମଧ୍ୟ ୫ମ ଓ ୮ମ ଶ୍ରେଣୀ ପାଇଁ ଏହି ନିୟମ ଲାଗୁ କରିଛନ୍ତି। ସରକାରୀ ବିଜ୍ଞପ୍ତିରେ କୁହାଯାଇଛି ଯେ ଯଦି କୌଣସି ଶିକ୍ଷାର୍ଥୀ ବାର୍ଷିକ ପରୀକ୍ଷାରେ କୃତ୍ତକାର୍ଯ୍ୟ ହୋଇ ପାରୁ ନାହାନ୍ତି, ତା'ହେଲେ ସେମାନଙ୍କୁ ବା ତାଙ୍କୁ ରେଜଲ୍ଟ ବାହାରିବାର ୨ ମାସ ମଧ୍ୟରେ ଅତିରିକ୍ତ କୋଚିଂ ଓ ପୁନଃ ପରୀକ୍ଷା ଦେବାର ସୁଯୋଗ ମିଳିବ। କିନ୍ତୁ ପୁନଃ ପରୀକ୍ଷାରେ ଶିକ୍ଷାର୍ଥୀ ଜଣଙ୍କ ବା ଶିକ୍ଷାର୍ଥୀମାନେ ପାସ୍ କରିପାରିଲେ ନାହିଁ, ତା'ହେଲେ ତାଙ୍କୁ ପୁଣି ୫ମ କିମ୍ବା ୮ମ ଶ୍ରେଣୀରେ ରହିବାକୁ ପଡ଼ିବ। ଏହି ସମୟରେ ଶ୍ରେଣୀ ଶିକ୍ଷକ କିମ୍ବା ଶ୍ରେଣୀ ଶିକ୍ଷୟିତ୍ରୀ ପିଲାଟି କେମିତି ପାସ୍ କରିବ, ସେନେଇ ଉଦ୍ୟମ କରିବେ। ତାଙ୍କୁ ଆବଶ୍ୟକ କୋଚିଂ ମଧ୍ୟ ଯୋଗାଇ ଦେବେ। ତେବେ ଶିକ୍ଷା ସମାପ୍ତ ନ ହେବା ଯାଏ କୌଣସି ସ୍କୁଲ ପକ୍ଷରୁ ପିଲାଙ୍କୁ ବହିଷ୍କୃତ କରାଯାଇ ପାରିବ ନାହିଁ ବୋଲି ସରକାର ସ୍ପଷ୍ଟ ଭାବେ କହିଛନ୍ତି। ଶିକ୍ଷା ମନ୍ତ୍ରଣାଳୟର ଜଣେ ଅଧିକାରୀଙ୍କ କହିବା କଥା ଯେ ଏହି ନିୟମ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଓ ସୈନିକ ସ୍କୁଲ ସମେତ କେନ୍ଦ୍ର ଦ୍ୱାରା ପରିଚାଳିତ ପ୍ରାୟ ୩ ହଜାରର ସ୍କୁଲରେ କାର୍ଯ୍ୟକାରୀ ହେବ। ଶିକ୍ଷା ରାଜ୍ୟର ବ୍ୟାପାର ହୋଇଥିବାରୁ ରାଜ୍ୟଗୁଡ଼ିକ ସେମାନଙ୍କ ହିସାବରେ ଅନ୍ୟ ସ୍କୁଲରେ ଏହି ନିୟମ ଲାଗୁ କରିପାରିବେ।



## ସମ୍ବଲପୁର, ବାଲେଶ୍ୱର ଓ ଭୁବନେଶ୍ୱରରେ ବସିବ ରାଡାର୍



ଭୁବନେଶ୍ୱର, ୨୩/୧୨ : ଆହୁରି ସଠିକ ହେବ ପ୍ରାକୃତିକ ବିପର୍ଯ୍ୟୟ ଆକଳନ। ରାଜ୍ୟରେ ବସିବ ୩ ନୂଆ ଡପଲାର ରାଡା। ସମ୍ବଲପୁର, ବାଲେଶ୍ୱର ଓ ଭୁବନେଶ୍ୱରରେ ବସିବ ରାଡାର । ଭୁବନେଶ୍ୱର ପାଇଁ ସ୍ୱତନ୍ତ୍ର ରାଡାର ଯାହା କୃତ୍ରିମ ବନ୍ୟା ବା ସହରୀ ବନ୍ୟା ପାଇଁ ସଠିକ୍ ତଥ୍ୟ ଯୋଗାଇବ। ଏହାସହ ଏୟାର କ୍ୱାଲିଟି ନେଇ ସଠିକ୍ ତଥ୍ୟ ଯୋଗାଇଦେବ। ସାରା ଦେଶରେ ୨୦୨୬ ପହିଲା ସୁଦ୍ଧା ୧୨୬ ଟି ରାଡାର ଲାଗିବ। ବର୍ତ୍ତମାନ ୭୩ ଟି ରାଡାର କାମ କରୁଥିବାବେଳେ ନୂଆ ୫୩ଟି ରାଡାର ଲାଗିବ । ସେପଟେ ଅଦିନିଆ ବର୍ଷାକୁ ନେଇ ସତର୍କ କଲେ ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର । ଆସନ୍ତାକାଲିଠୁ ରାଜ୍ୟରେ ପୁଣି ହେବ ବର୍ଷା । ବଙ୍ଗୋପସାଗରରେ ଲଘୁଚାପ ଯୋଗୁଁ ୨୪ ଓ ୨୫ରେ ବର୍ଷା ହେବ । ଆବଶ୍ୟକୀୟ ପଦକ୍ଷେପ ନେବା ଲାଗି ଚାଷୀଙ୍କୁ ସତର୍କ କରାଇଛି ପାଣିପାଗ ବିଭାଗ। ତେବେ ଭାରତୀୟ ପାଣିପାଗ ବିଭାଗକୁ ପୂରିବାକୁ ଯାଉଛି ୧୫୦ ବର୍ଷ । ଏହି ଅବସରରେ ଲୋକସେବା ଭବନରେ ଆୟୋଜିତ ସ୍ୱତନ୍ତ୍ର ସଭାରେ ଯୋଗ ଦେଇ ମନ୍ତ୍ରୀ କହିଛନ୍ତି, ରାଜ୍ୟ ତଥା ଦେଶରେ ଆଇଏମଡି ଏବଂ ଆଞ୍ଚଳିକ ପାଣିପାଗ ବିଭାଗ ଦ୍ୱାରା ବିଭିନ୍ନ ବିପର୍ଯ୍ୟୟର ପୂର୍ବାନୁମାନ କରାଯାଇ ସଫଳ ମୁକାବିଲା କରାଯାଉଛି । ଏବେ ଓଡିଶାରେ ଦୁଇଟି ଡପଲର ରାଡାର ରହିଛି । ପାରାଦୀପ, ଗୋପାଳପୁରରେ ଡପଲର ରାଡାର ଲାଗିଥିବା ଖୁବ୍ ଶୀଘ୍ର ଭୁବନେଶ୍ୱର, ବାଲେଶ୍ୱର, ସମ୍ବଲପୁରରେ ଲାଗିବ । ଏହା ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟ ଆକଳନ ଆହୁରି ସଠିକ ହେବ । ଏବେ ଦେଶରେ ୭୩ଟି ରାଡାର ରହିଛି । ୨୦୨୬ ସୁଦ୍ଧା ଏହାକୁ ୧୨୬ କରିବାକୁ ଲକ୍ଷ୍ୟ ରାଖାଯାଇଛି।

## ନୂଆ ବର୍ଷରୁ ନୂଆ ନିୟମ

### ଏଣିକି ପ୍ରତି ମାସ ମିଳିବ ରାସନ ସାମଗ୍ରୀ



ଭୁବନେଶ୍ୱର, ୨୩/୧୨ : ପାଖେଇ ଆସୁଛି ନୂଆ ବର୍ଷ। ନୂଆ ବର୍ଷରୁ ଲାଗୁ ହେବ ନୂଆ ନିୟମ । ରାସନ ମିଳିବାରେ ଆଉ ହେବନି ଅନିୟମିତତା। ପୂର୍ବରୁ ତିନି ମାସରେ ଥରେ ମିଳୁଥିବା ରାସନ ସାମଗ୍ରୀ ଏଣିକି ପ୍ରତିମାସ ମିଳିବ । ଜାନୁୟାରୀ ମାସରୁ ଏହି ନିୟମ ଲାଗୁ କରିବାକୁ ଯାଉଛନ୍ତି ରାଜ୍ୟ ସରକାର। ଏହି ଘୋଷଣା ପରେ ହିତାଧିକାରୀଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି। ନୂଆ ବର୍ଷରୁ ଲାଗୁ ହେବାକୁ ଥିବା ଏହି ନୂଆ ନିୟମ ଫଳରେ ଡିଲର ସ୍ତରରେ ହେରଫେର ବନ୍ଦ ହେବା ସହ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ ହେବ ବୋଲି ଆଶା ରଖିଛନ୍ତି ରାଜ୍ୟ ସରକାର। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ପୂର୍ବରୁ ୩ ମାସରେ ଥରେ ଚାଉଳ ମିଳିବା ଫଳରେ ଡିଲର ପାଖରେ ଅଧିକ ଚାଉଳ ମହଜୁଦ୍ ରହୁଥିଲା। ମାତ୍ର ଜାନୁୟାରୀରୁ ହିତାଧିକାରୀଙ୍କୁ ପ୍ରତି ମାସ ମିଳିବ ଚାଉଳ। ଏଭଳି ନିଷ୍ପତ୍ତି ପରେ ଡିଲର ସ୍ତରରେ ହେରଫେର ବନ୍ଦ ହେବା ସହ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ ହେବ ବୋଲି ଆଶା ରଖିଛନ୍ତି ଯୋଗାଣ ମନ୍ତ୍ରୀ। ପ୍ରତିମାସରେ ରାସନ ମିଳିବା ଖବର ପାଇ ହିତାଧିକାରୀ ବେଶ୍ ଉତ୍ସାହିତ ହୋଇ ପଡ଼ିଥିବା ବେଳେ ଏହାକୁ ସ୍ୱାଗତ କରିଛନ୍ତି। ପୂର୍ବରୁ ବାରମ୍ବାର ଚାଉଳ ପାଇଁ ଡିଲର୍ ପାଖକୁ ଦୌଡ଼ିବାକୁ ପଡୁଥିଲା। ଏଣିକି ଆଉ ଏପରି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବନି ବୋଲି କହିଛନ୍ତି ହିତାଧିକାରୀ।

## ରୁବେନ ବାନାର୍ଜୀଙ୍କ ବହିକୁ ନେଇ ବିଜେଡିରେ କମ୍ପନ

ଭୁବନେଶ୍ୱର, ୨୩।୧୨ : ବଙ୍ଗାଳୀ ଲେଖକ ରୁବେନ ବାନାର୍ଜୀଙ୍କ ପୁସ୍ତକ 'ନବୀନ ପଟ୍ଟନାୟକ-ଦ ଅଥରେଟିଭ୍ ? ବାୟୋଗ୍ରାଫି ରିଭାଇଜଡ୍ ଆଫ୍ଟର ୨୦୨୪ ଇଲେକ୍ସନ'କୁ ନେଇ ବିଜେଡିରେ କମ୍ପନ ସୃଷ୍ଟି ହୋଇଛି। ବହିରେ ଥିବା ତଥ୍ୟ ନେଇ ବିଜେଡି ବିଧାୟକ ଅରୁଣ ସାହୁଙ୍କ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି, ଦୀର୍ଘବର୍ଷ ହେବ ନବୀନ ପଟ୍ଟନାୟକଙ୍କୁ ରୁବେନ ବାନାର୍ଜୀ ଭେଟି ନାହାନ୍ତି। ତା' ଖଟି ଓ ବିରୋଧୀ ଚର୍ଚ୍ଚା କରୁଥିବା ତଥ୍ୟ ବହିରେ ଉଲ୍ଲେଖ କରିଛନ୍ତି। ନିର୍ବାଚନ ବେଳେ ନବୀନଙ୍କ ବିରୋଧରେ ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ ହେଉଥିଲା। ଆଣ୍ଟି ବିଜେଡି ଓ ନବୀନ ବିରୋଧୀଙ୍କ ସହ ଆଲୋଚନା ପରେ ବହି ଲେଖିଛନ୍ତି। ଆମେ ବହିକୁ ପ୍ରତ୍ୟାଖାନ କରୁଛୁ, ଓଡ଼ିଶାବାସୀ ମଧ୍ୟ କରିବେ। 'ନବୀନ ପଟ୍ଟନାୟକ- ଦ ଅଥରିଟେଟିଭ ବାୟୋଗ୍ରାଫି ରିଭାଇଜଡ ଆଫ୍ଟର ୨୦୨୪ ଇଲେକ୍ସନ' ପୁସ୍ତକ ଉନ୍ମୋଚନ ହୋଇଯାଇଛି। ସେ ଏହି ପୁସ୍ତକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ପ୍ରଶାସକରୁ ରାଜନେତା ପାଲଟିଥିବା ତାମିଲ ଅମଲାତନ୍ତ୍ରୀ ଭି.କେ. ପାଣ୍ଡିଆନଙ୍କ ସମ୍ପର୍କରେ ଅନେକ କଥା ଉଲ୍ଲେଖ କରିଛନ୍ତି। ବିଶେଷ କରି, ୨୦୨୪ ନିର୍ବାଚନ ସମୟରେ ନବୀନ ଘରେ ରହିବା ଓ ୧୪୭ ନିର୍ବାଚନମଣ୍ଡଳୀରେ ସ୍ଥାନୀୟ ନେତାଙ୍କୁ ଅଣଦେଖା କରି ପାଣ୍ଡିଆନଙ୍କ ଏକାକୀ ପ୍ରଚାର ବିଜେଡି ହାରିବାର ପ୍ରମୁଖ କାରଣ ବୋଲି ସେ ଉଲ୍ଲେଖ କରିଛନ୍ତି। ରୁବେନ ଲେଖିଥିବା ବିଭିନ୍ନ ବିଷୟକୁ ନେଇ ଏବେ ରାଜନୀତି ଜୋର ଧରିଛି। କେତେକ ପୂର୍ବତନ ଏବଂ ବର୍ତ୍ତମାନର ବିଜେଡି ନେତା ଏହାକୁ ନେଇ ନିଜ ନିଜର ପ୍ରତିକ୍ରିୟା ରଖିଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ଭାଜପା ନେତା ସମୀର ଦାସ କହିଛନ୍ତି, ପାଣ୍ଡିଆନଙ୍କ କୋଟେରୀ ବାବଦରେ ରୁବେନ ଯାହା ଲେଖିଛନ୍ତି ସେଥିରେ ଦ୍ୱିମତ ନାହିଁ। ତାଙ୍କର ଭୁଲ୍ ନ ଥିବା ସତ୍ତ୍ୱେ କୋଟେରୀ ଗ୍ରୁପ ପାଇଁ ମନ୍ତ୍ରୀପଦ ଓ ଟିକେଟ କଟାଗଲା। ଅଫିସରଙ୍କ ଦ୍ୱାରା ଗ୍ରୁପ୍ ଚାଲିଥିଲା। ରାଜନେତାଙ୍କ ସମ୍ପୃକ୍ତି ସେଥିରେ ନ ଥିଲା। ନବୀନବାବୁଙ୍କ ସମର୍ଥନ ବି ପାଣ୍ଡିଆନଙ୍କ ପ୍ରତି ଥିଲା। କୋଟେରୀ ଗ୍ରୁପ ହିଁ ବିଜେଡି ବିପର୍ଯ୍ୟୟର ବଡ଼ କାରଣ ବୋଲି ସେ କହିଛନ୍ତି। ବରିଷ୍ଠ ବିଜେଡି ନେତା ତଥା ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ରୁବେନ ବାନାର୍ଜୀ ଜଣେ ପ୍ରତିଷ୍ଠିତ, ଅଭିଜ୍ଞ ଖବରଦାତା ଓ ସମାଲୋଚକ। ସେ ତାଙ୍କ ବହିରେ ଯେଉଁ ତଥ୍ୟ ଦେଇଛନ୍ତି ଅନେକ ସୂତ୍ରରୁ ତଥ୍ୟ ସଂଗ୍ରହ କରିଥିବେ। ଆରମ୍ଭରୁ ଦଳକୁ ଏବଂ ସଙ୍ଗଠନକୁ ଅତି ପାଖରୁ ନିରୀକ୍ଷଣ କରିଆସିଛନ୍ତି। ସେ ସୁଚିନ୍ତିତ ମତ ଦେଇଥିବେ। ସେ ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି ବୋଲି ପ୍ରସନ୍ନ କହିଛନ୍ତି। ତେବେ ସମୀକ୍ଷକଙ୍କ ମତରେ କୌଣସି ଜୀବିତ ବ୍ୟକ୍ତିର ଜୀବନୀ (ବାୟୋଗ୍ରାଫି) ସେହି ବ୍ୟକ୍ତିଙ୍କ ଅନୁମୋଦନ କ୍ରମେ ହେବା କଥା। ନବୀନ ଏଭଳି ପୁସ୍ତକର ପ୍ରକାଶକଙ୍କୁ କାହିଁକି ବହି ଛାପିବାକୁ ମନାକଲେ ନାହିଁ ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ବଞ୍ଚିଥିବା ବ୍ୟକ୍ତିଙ୍କର ନିଜ ଜୀବନ ବିଷୟରେ ବହି ଛପାଇବାକୁ ହେଲେ ଅନୁମତି ଲୋଡ଼ାଯିବା କଥା। ପ୍ରକାଶକ ତାହା କରିଛନ୍ତି କି ନାହିଁ ସାଧାରଣରେ ଜଣାପଡ଼ିନାହିଁ।



## ୨ୟ ମେରିଟ୍ ଲିଷ୍ଟ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, ୨୩/୧୨ : ରାଜ୍ୟରେ ଖାଲି ପଡ଼ିଥିବା କନିଷ୍ଠ ଶିକ୍ଷକ ପଦବୀ ପୂରଣ ପ୍ରସଙ୍ଗରେ ହାଇକୋର୍ଟଙ୍କ ବଡ଼ ନିର୍ଦ୍ଦେଶ। ନୂଆ କଟ୍-ଅଫ୍ ମାର୍କ ସ୍ଥିର କରି ୨ୟ ମେରିଟ୍ ଲିଷ୍ଟ ଜାରି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଉଚ୍ଚ ନ୍ୟାୟାଳୟ। ନିଯୁକ୍ତିରୁ ବଞ୍ଚିତ ଆଶାୟୀଙ୍କ ପିଟିସନ୍ ଉପରେ ଶୁଣାଣି କରି ଏଭଳି ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଉଲ୍ଲେଖ ଯୋଗ୍ୟ, ୨୦ ହଜାର କନିଷ୍ଠ ଶିକ୍ଷକ ପଦବୀ ପୂରଣ ପାଇଁ ପ୍ରଥମେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଚୟନକୁ ନେଇ ଦୀର୍ଘ ଦିନ ବିବାଦ ଲାଗି ରହିବା ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ନିଯୁକ୍ତି ଆରମ୍ଭ ହୋଇଥିଲା। କାରଣ କଟ୍-ଅଫ୍ ମାର୍କ କମ୍ କରି ପଦବୀ ପୂରଣ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିଲା। ହେଲେ ବିଭିନ୍ନ କାରଣରୁ ଏବେ ମଧ୍ୟ ୪ ହଜାର ପଦବୀ ପୂରଣ ହୋଇନାହିଁ। ତେବେ ଖାଲି ପଦବୀକୁ ପୂରଣ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଆଶାୟୀ ପ୍ରାର୍ଥୀ।

## ନାକେଦମ କଲାଣି ଜିନ୍ନତ

ଭୁବନେଶ୍ୱର, ୨୩/୧୨ : ଗତକାଲି ମେଦିନାପୁର ଝଡ଼ାଗ୍ରାମ ଜଙ୍ଗଲରେ ଥିଲା । ଦିନକୁ ୨୫ ରୁ ୩୦ କିମି ବାଟ ଅତିକ୍ରମ କରୁଛି । ଓଡିଶା ଓ ପଶ୍ଚିମବଙ୍ଗ ବନ ବିଭାଗର କଡା ନଜର । ବନ ବିଭାଗର ୧୩୦ କର୍ମଚାରୀ ରଖିଛନ୍ତି ନଜର । ଧରିବାକୁ ସୁନ୍ଦରବନ ଅଭିଜ୍ଞ ବାଘ ଧରାଳି ଟିମ ସାମିଲ । ସୂଚନା ଅନୁଯାଇ , ପ୍ରଥମେ ଶିମିଳିପାଳରୁ ଝାଡ଼ଖଣ୍ଡ ଏବେ ପଶ୍ଚିମବଙ୍ଗରେ ଆଗକୁ ଆଗକୁ ମାଡ଼ିଚାଲିଛି ଜିନ୍ନତ । ପଶ୍ଚିମବଙ୍ଗର ପଶ୍ଚିମ ମେଦିନାପୁର ଝାଡ଼ଗ୍ରାମ ଡେଇଁ ବାଘୁଣୀଟି ପୁରୁଲିଆ ବାନ୍ଦୱାନ ଜଙ୍ଗଲରେ ପହଞ୍ଚିଛି । ସୁନ୍ଦରବନର ଅଭିଜ୍ଞ ବାଘ ଧରାଳି ଟିମ୍ ମଧ୍ୟ ଜୀନ୍ନତକୁ ଧରିବା ପାଇଁ ଉଦ୍ୟମ କରୁଥିବା ଜଣାପଡିଛି । ଜିନ୍ନତ ଓଡ଼ିଶାର ଶିମିଳିପାଳଠାରୁ ପ୍ରାୟ ୧୩୦କିମି ଦୂରରେ ରହିଛି । ଦିନକୁ ଯେ କୌଣସି ସମୟରେ ଏହା ଜଙ୍ଗଲ ଡେଇଁ ଜନବସତିକୁ ପଶିଯିବାର ଆଶଙ୍କା ମଧ୍ୟ ରହିଛି ।

# ପୁଲିସ ପାଇଁ ଚିନ୍ତା 'ଜିରୋ ନାଇଟ୍



## ମଉଜ ପାଇଁ ଏବେଠୁ ଯୁବତୀଙ୍କୁ ଦିଆଗଲାଣି ଅଗ୍ରିମ ଟଙ୍କା

ଭୁବନେଶ୍ୱର, ୨୩/୧୨ : ବାର୍‌ରେ ଡ୍ୟାନ୍ସକୁ ବ୍ୟାନ୍ କରାଯିବା ସହ କେବଳ ଗୀତ ପରିବେଷଣ ହେବାକୁ ଅନୁମତି ଦେଇଛି ଅବକାରୀ ବିଭାଗ। ଗୀତ ପରିବେଷଣ କରୁଥିବା ଯୁବତୀ ପୋଷାକ ପରିଧାନରେ ଶାଳୀନତା ରଖିବେ। ଷ୍ଟେଜ୍‌ଠାରୁ ଦୂରତାରେ ଦର୍ଶକ ବସିବେ। କିନ୍ତୁ ବାରରେ ଡ୍ୟାନ୍ସ ବ୍ୟାନ୍ ହେବା ପରେ ଆଉ ଆଗ ଭଳି ଗ୍ରାହକ ହେଉନାହାନ୍ତି। ଯେଉଁଥିପାଇଁ ବାର ମାଲିକମାନଙ୍କ କ୍ଷତି ହେଉଛି। ତେଣୁ ସେମାନେ ଏହି କ୍ଷତିର ଭରଣା ଜିରୋ ନାଇଟ୍‌ରେ କରିବାକୁ ଯୋଜନା କରିଛନ୍ତି। ଦେହଜୀବୀଠାରୁ ଆରମ୍ଭ କରି ଡ୍ୟାନ୍ସରଙ୍କୁ ବାର ମାଲିକମାନେ ଅଗ୍ରିମ ଟଙ୍କା ଦେଇ ବୁକ୍ କଲେଣି। ଡ୍ୟାନ୍ସରମାନେ ଜିରୋ ନାଇଟ୍‌ରେ ଡ୍ୟାନ୍ସ କରିବାକୁ ଥିବାବେଳେ ବାଂଲାଦେଶୀ ଦେହଜୀବୀଙ୍କୁ ହୋଟେଲରେ ରଖାଗଲାଣି। ଜିରୋ ନାଇଟ୍‌ବେଳେ ଯେଉଁମାନେ ମଉଜ ଚାହିଁବେ ସେମାନେ ଏହି ଯୁବତୀମାନଙ୍କୁ ନେଇପାରିବେ। ରାତିକ ପାଇଁ ସେମାନେ ୧୦ରୁ ୧୨ ହଜାର ଟଙ୍କା ନେଉଛନ୍ତି। କେବଳ ବାଂଲାଦେଶୀ ଯୁବତୀ ନୁହେଁ, ପଶ୍ଚିମବଙ୍ଗରୁ ମଧ୍ୟ ଏକାଧିକ ଯୁବତୀଙ୍କୁ ଆଣି ଏଠାରେ ଏକାଧିକ ହୋଟେଲରେ ରଖାଗଲାଣି। କେବଳ ଯୁବତୀ ଏବଂ ଡ୍ୟାନ୍ସ ନୁହେଁ, ଏକାଧିକ ବାରରେ ଡ୍ରଗ୍ସ ଏବଂ ଅନ୍ୟ ନିଶା କାରବାର ପାଇଁ ମଧ୍ୟ ବ୍ୟବସ୍ଥା କରାଗଲାଣି। ଏବେଠୁ ଅବକାରୀ ବିଭାଗ ଏବଂ ପୁଲିସ ଚଡ଼ଉ ନ କଲେ ଏହାକୁ ଆଗକୁ ରୋକିପାରିବେ ନାହିଁ। ଏସବୁ ଯଦି ପୁଲିସ ରୋକିବାକୁ ବିଫଳ ହେବ ତେବେ ଜିରୋ ନାଇଟ୍‌ରେ ଅଘଟଣ ଘଟିପାରେ ବୋଲି ଆଶଙ୍କା କରାଯାଉଛି। ଏସବୁ ଘଟଣାକୁ ନେଇ ଚିନ୍ତାରେ ପଡ଼ିଯାଇଛି କମିସନରେଟ୍ ପୁଲିସ। ଏହାକୁ ରୋକିବା ଦିଗରେ ପୁଲିସ ପାଇଁ ଏକପ୍ରକାର ଚ୍ୟାଲେଞ୍ଜ ହୋଇପାରେ। ଜିରୋ ନାଇଟ୍ ପାଇଁ ଏକାଧିକ ହୋଟେଲ ଉପରେ ରେଭ୍ ପାର୍ଟି ପାଇଁ ବ୍ୟବସ୍ଥା କରାଗଲାଣି। ଏବେଠୁ ମଧ୍ୟ ଏହି ପାର୍ଟି ପାଇଁ ଟିକଟ୍ ବୁକ୍ କରାଗଲାଣି। ଏହି ସବୁ ରେଭ୍ ପାର୍ଟିରେ ବେଆଇନ୍ କାରବାର ବଢ଼ିବ ବୋଲି ଆଶଙ୍କା କରାଯାଉଛି। ସେଠାରେ ନିଶା କାରବାର ଏବଂ ଯୁବତୀ ଚାଲାଣ ଭଳି ଘଟଣା ଘଟିବ। ଏଭଳି ରେଭ୍ ପାର୍ଟି ପାଇଁ ନା ସେମାନେ ପୁଲିସଠାରୁ ଅନୁମତି ନେଇଛନ୍ତି ନା ପୁଲିସ ପାଖରେ କିଛି ତଥ୍ୟ ଅଛି। ତେଣୁ ପୁଲିସ ଏହି ରେଭ୍ ପାର୍ଟି ଉପରେ ନଜର ରଖିବାକୁ ମଧ୍ୟ ଦାବି ହେଲାଣି। ଜିରୋ ନାଇଟ୍ ରାତିରେ ଯୁବତୀଙ୍କଠାରୁ ଆରମ୍ଭ କରି ବୃଦ୍ଧ ସମସ୍ତେ ହୋଟେଲ, ପବ୍, ବାର ଏବଂ କ୍ଲବ୍‌ରେ ପାର୍ଟି କରିବେ। ସେଠାରେ ଏକାଧିକ ଯୁବକ ନିଶାଖାଇ ଯୁବତୀଙ୍କୁ ଅସଦାଚରଣ କରିବାର ଅଧିକ ସମ୍ଭାବନା ରହିଛି। ଏପରିକି ପୂର୍ବ ବର୍ଷମାନଙ୍କରେ ମଧ୍ୟ ଜିରୋ ନାଇଟ୍ ସମୟରେ ଯୁବତୀ ଅସଦାଚରଣ ଘଟଣା ପଦାକୁ ଆସିଛି। ତେଣୁ ଜିରୋ ନାଇଟ୍ ପାଇଁ ହୋଟେଲ, ବାର, ପବ୍ ଏବଂ କ୍ଲବ୍ ପାଇଁ ଏକ ଗାଇଡ୍‌ଲାଇନ୍ ଜାରି କରାଯାଉ ବୋଲି ଦାବି ହେଉଛି।

# ଆକ୍ସନ ମୁଡ଼ରେ ଆସିକା ତହସିଲଦାର, ଜବତ ହେଲା ପୁଣି ଏକ ହାଇୱା

ଆସିକା, ୨୩/୧୨ (ନି.ପ୍ର):ଦୀର୍ଘଦିନର ନୀରବତା ପରେ ଆକ୍ସନ ମୁଡ଼ରେ ଆସିକା ତହସିଲର ନୂଆ ନିଯୁକ୍ତ ତହସିଲଦାର ସଂଗୀତା ସେନ। ଗତ କିଛି ବର୍ଷ ହେବ ଆସିକାର ଲାଇଫ ଲାଇନ କୁହାଯାଉଥିବା ଋଷିକୂଲ୍ୟା ଓ ବଡ ନଦୀକୁ ବାଲି ମାଫିଆ ମାନେ ବେଧଡ଼କ ଭାବେ ବିଭିନ୍ନ ସ୍ଥାନରେ ନଦୀ ହୁଡ଼ା କାଟି ବାଲି ଲୁଟି ଚାଲିଛନ୍ତି। ବାଲି ଚୋରା ଚାଲାଣ କୁ ରୋକିବା ପାଇଁ ନିକଟ ଅତୀତରେ ବଡଖୋଲି, ଋଷିପୁର, ପଥରା ଆଦି ଅନେକ ଗ୍ରାମରେ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତାରୋକ କରାଯିବା ର ନଜିର ରହିଛି ଏବଂ ବାରମ୍ବାର ପତ୍ର ପତ୍ରିକାରେ ଏହି ଚୋରା ବାଲି ଚାଲାଣ ରୋକିବାକୁ ଖବର ପ୍ରକାଶିତ ହେବା ପରେ ମଧ୍ୟ ଆସିକା ତହସିଲ, ଲଘୁ ଖଣିଜ ବିଭାଗ, ଆସିକା ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରାଯାଉନଥିଲା। କିନ୍ତୁ ଗତ କିଛି ଦିନ ହେବ ନୂତନ ଭାବେ ନିଯୁକ୍ତି ପାଇଥିବା ତହସିଲଦାର ଆକ୍ସନ ମୁଡ଼ରେ ଆସିକା ତହସିଲଦାର ସଂଗୀତା ସେନ। ସେ ଗତ କିଛିଦିନ ହେବ ଋଷିକୂଲ୍ୟା ଓ ବଡ଼ନଦୀର ବିଭିନ୍ନ ସ୍ଥାନରେ




ଅଚାନକ ଚଢ଼ାଉ କରି ବେ ଆଇନ ବାଲି ଚାଲାଣ କରୁଥିବା ଟ୍ରାକ୍ଟର ଓ ହାଇୱା କୁ ଜବତ କରୁଛନ୍ତି ।ଆଜି ଆସିକା କଇଁଫୁଲିଆ ଛକ ନିକଟରୁ ଆସିକା ତହସିଲଦାର ଓଡି ୩୨ ଏଚ ୬୪୪୬ ନମ୍ବର ହାଇୱା କୁ ଜବତ କରି ଆସିକା ତହସିଲ ଠାରେ ଅଟକ ରଖିଛନ୍ତି ।ଆସିକା ତହସିଲଦାର ଙ୍କ ଏହିପରି ବାଲି ଚୋରା ଗାଡି ଜବତ କୁ ନେଇ ମାଫିଆ ଙ୍କ ମଧ୍ୟରେ କୋକୁଆ ଭୟ। ତହସିଲଦାର ଙ୍କ ଏହି ପରି ପଦକ୍ଷେପ କୁ ଅଞ୍ଚଳ ବାସୀ ବୁଦ୍ଧିଜୀବୀ ଭୁରି ପ୍ରଶଂସା କରିଛନ୍ତି।

# ଯୁବ ଉତ୍ସବରେ ସମ୍ବର୍ଦ୍ଧିତ ହେଲେ ଯୁବ କବି ଓ ପତ୍ରକାର ଚନ୍ଦନ

ହାଟଡିହି୨୩/୧୨ (ନି.ପ୍ର):ମୋ ଭାରତ ଓ ନେହେରୁ ଯୁବ କେନ୍ଦ୍ର କେନ୍ଦୁଝର ଶାଖା ପକ୍ଷରୁ ଆୟୋଜିତ ଯୁବ ଉତ୍ସବ ଭାରତ ଅ୨୦୪୭ ପକ୍ଷରୁ ଯୁବ କବି ,ପତ୍ରକାର ଓ ପ୍ରକୃତି ବନ୍ଧୁ ଚନ୍ଦନ ପଣ୍ଡାଙ୍କୁ ତାଙ୍କର କବିତା ଝବିକଶିତ ଭାରତ -୨୦୪୭ଝ ପାଇଁ ପୁରସ୍କୃତ କରାଯାଇଛି । ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ତରଫରୁ ଆୟୋଜିତ ଏହି ଜିଲ୍ଲାସ୍ତରୀୟ ଉତ୍ସବରେ ତ୍ରିଭାଷୀ ପ୍ରତିଯୋଗିତା ଆୟୋଜନ ହୋଇଥିଲା ।ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ୨୯ ବର୍ଷ ବୟସ ମଧ୍ୟରେ ବିଭିନ୍ନ ବର୍ଗର ଯୁବକ ଯୁବତୀ ଯୋଗଦାନ କରିଥିଲେ ।ନେହେରୁ ଯୁବ କେନ୍ଦ୍ର କେନ୍ଦୁଝର ଶାଖାର ଭାରପ୍ରାପ୍ତ ଯୁବା ଅଧିକାରୀ ବସୁନ୍ଧରା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜାତୀୟ ସମର୍ଥ ବାହିନୀର ନିର୍ଦ୍ଦେଶ ଅଧିକାରୀ ଲେଫ୍ଟନାଣ୍ଟ ମୟୁର ହେଗଡେ , ଯୁବା ସଫଳ ନୃତ୍ୟଶିଳ୍ପୀ ଚିରଶ୍ରୀ ସାଗରିକା ପ୍ରମୁଖ ଯୋଗଦାନ କରି ପୁରସ୍କୃତ କରିଥିଲେ । ତାଙ୍କର ଏଭଳି ସଫଳତା ନିମନ୍ତେ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ସହ ଯୁବସାଥୀ ଓ ବୁଦ୍ଧିଜୀବୀମାନେ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

# ମଣ୍ଡି ପରିଦର୍ଶନ କଲେ ବିଡ଼ିଓ

ଜମନକିରା:(ଖବର): ଜମନକିରା ବିଡ଼ିଓ ରବୀନ୍ଦ୍ର ରଣା ଗୁରୁବାର ଫାଶୀମାଲ ଓ ସର୍ଡ଼କ୍ଷ ମଣ୍ଡି ପରିଦର୍ଶନ କରିଛନ୍ତି। ମଣ୍ଡିରେ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଧାନ କିଣା ବିକା ସମ୍ବନ୍ଧରେ ଲ୍ୟାମ୍ପ କର୍ମଚାରୀଙ୍କୁ ପଚାରି ବୁଝିଥିଲେ। ବର୍ତମାନ ସରକାର ଧାନ କ୍ୟୁଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରିବାକୁ ପ୍ରତିଶୃତି ଦେଇଥିବା ବେଳେ ମଣ୍ଡିରେ ଧାନ ସଂଗ୍ରହ ଓ ଅନ୍ୟାନ୍ୟ ବ୍ୟବସ୍ଥା ଉପରେ ଧାନ ଦେବାକୁ ସରକାର ଙ୍କ ପକ୍ଷରୁ ବିଗତ ଦିନରେ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ପରିପେକ୍ଷୀରେ ବିଡ଼ିଓ ବିଭିନ୍ନ ମଣ୍ଡି ପରିଦର୍ଶନ କରୁଛନ୍ତି ଓ ସେଠାରେ ସମସ୍ୟା ଓ ଅସୁବିଧା ସମ୍ବନ୍ଧରେ ଆଲୋଚନା କରୁଥିବା ନଜରକୁ ଆସୁଛି। ବିଡ଼ିଓ ଙ୍କ ଏଭଳି କାର୍ଯ୍ୟକୁ



ଚାଷୀ ମହଲରେ ପ୍ରଶଂସନୀୟ କରାଯାଉଛି। ମଣ୍ଡି ପରିଦର୍ଶନ ସମୟରେ ଅଞ୍ଚଳର ଚାଷୀ, ଲ୍ୟାମ୍ପ କର୍ମଚାରୀ ସମେତ ଜମନକିରା ବ୍ଲକ .ଡ଼ବ୍ଲ୍ୟୁ.ଇ.ଓ.ଐଶ୍ୱର୍ଯ୍ୟ ନାୟକ, ଏ.ପି.ଓ ମନୋଜ ଭୋଇ, ଓମ ପ୍ରକାଶ ସାହୁ, ରବୀନ୍ଦ୍ର ନାଥ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ।

# ବୁଢ଼ା ଡ଼ଙ୍ଗର ଲୋକ ମହୋତ୍ସବ ୨୦୨୪

କେସିଙ୍ଗା,୨୩/୧୨ (ନି.ପ୍ର):ଓଡିଶା ତଥା କଳାହାଣ୍ଡି ଜିଲ୍ଲା ର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ କେସିଙ୍ଗା ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ୨୨ ଓ ୨୩ ଡିସେମ୍ବରରେ କେସିଙ୍ଗା ଜଗନ୍ନାଥ ମିନ୍ଦିର ପ୍ରାଙ୍ଗଣରେ ରେ ଦୁଇ ଦିନ ଧରି ଧୂମଧାମ ରେ ବୁଢା ଡ଼ଙ୍ଗର ଲୋକ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଅଛି । ଏନେଇ ଏକ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ର ସଭାପତି ସୁଶାନ୍ତ ମହାପାତ୍ର ଓ ସମ୍ପାଦକ ଅକ୍ଷୟ ଦାସ ! ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଲୋକ ମହୋତ୍ସବ ରେ ରାଜ୍ୟ ଓ ରାଜ୍ୟ ବାହାରୁ ଅନେକ କଳାକାର ନିଜର ବ୍ୟକ୍ତିଗତ ଓ ଦଳଗତ କଳା ର ପରିବେଷଣ କରିବେ । ପ୍ରଥମ ଦିନରେ ମାହାରୀ ନୃତ୍ୟ ପୁରୀ, ବଜାଶାଳ ମୃଣ୍ମୟୀ ଓ ସାଥି, ରଙ୍ଗ ଫରୁଆ ସମ୍ବଲପୁର, ଢଳିଆଖୁସା ବରଗଡ, ମୟୂରୀ



ଏକାଡେମୀ ଭବାନୀପାଟଣା ର କଳାକାର ମାନେ ପରିବେଷଣ କରୁଥିବା ବେଳେ ଉଦଯାପନୀ ଦିବସରେ ଓଡିଶୀ ଭୁବନେଶ୍ୱର, ରଙ୍ଗ ଫରୁଆ ସମ୍ବଲପୁର, ମଲିଫୁଲ ବଜାଶାଳ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ କେସିଙ୍ଗା, ଲୋକନୃତ୍ୟ କେସିଙ୍ଗା ମହାବିଦ୍ୟାଳୟ, ଘୋଡାନାଚ ପୁରୀ, ଢେମସା କୋରାପୁଟ, ଓ ସମ୍ବଲପୁରୀ ଅର୍କେଷ୍ଟ୍ରା ଦୁଷ୍ମନ୍ତ ଓ ସାଥୀ ଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହେବା ରହିଛି । ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନ ତରଫରୁ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା କିଛି ବିଶିଷ୍ଟ ବ୍ୟକ୍ତି ଙ୍କୁ ସମ୍ମାନିତ କରିବାର କାର୍ଯ୍ୟକ୍ରମ ରହିଛି ! ଶିଶୁରୋଗ ବିଶେଷଜ୍ଞ ଡ଼.ପଲଉ ପ୍ରଧାନ,ଘୁମୁରା ଗୁରୁ ମାର୍କଣ୍ଡ ନାୟକ, ସଂଗୀତ ନିର୍ଦ୍ଦେଶକ ମନୋରଞ୍ଜନ ପାଢ଼ୀ, ସମାଜ ସେବାରେ ରାମ କୁମାର ଜୈନ ଓ କରଣ ସମାଜ, ଶିକ୍ଷା କ୍ଷେତ୍ରରେ ଅବସର ପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର କୁମାର ଧଳ, ସାମ୍ବାଦିକ କ୍ଷେତ୍ରରେ ଅଂଶୁମାନ ପାତ୍ର ଓ ନାଟ୍ୟ ନିର୍ଦ୍ଦେଶକ ମନୋଜ ରଥ ସମ୍ମାନିତ ହେବେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ସୁଶାନ୍ତ ପାଢ଼ୀ, ବିକ୍ରମ ବାରିକ, ଡ଼. ହରେକୃଷ୍ଣ ଧଳ,ଜ୍ଞାନେନ୍ଦ୍ର ଭୋଇ, ଅମୀୟ ନନ୍ଦ ଉପସ୍ଥିତ ଥିଲେ ଶେଷରେ ଅମୀୟ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# କୋଟପାଡ଼ ମହାବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ

କୋଟପାଡ଼ ,୨୩/୧୨ (ନି.ପ୍ର):କୋଟପାଡ଼ ମହାବିଦ୍ୟାଳୟ ପରିସରରେ ଆଜି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସମ୍ବାଦ ସାହିତ୍ୟ,ଆମ ଓଡିଶା ଏନ.ଏସ.ଏସ,ୟୁଥ ରେଡ କ୍ରସ ଓ ଏନ.ସି.ସି ଦ୍ୱାରା ଆୟୋଜିତ ହୋଇଥିବା ଏକ ରକ୍ତଦାନ ଶିବିରରେ ପ୍ରାୟ ୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । କୋଟପାଡ଼ ମହାବିଦ୍ୟାଳୟ ପରିସରରେ ପ୍ରାୟ ୧୨ବର୍ଷ ପରେ ରକ୍ତଦାନ ଶିବିର ଆୟୋଜିତ କରାଯାଇଥିଲା। ନୂତନ ଭାବେ ଯୋଗ ଦେଇଥିବା ଅଧକ୍ଷ ଶେଷ ।ନନ୍ଦ ମିଶ୍ର ଯୋଗ ଦେବା ପରେ ମହାବିଦ୍ୟାଳୟର ଉନ୍ନତି ଓ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଉତ୍ସାହିତ କରି ବହୁ କାର୍ଯ୍ୟକ୍ରମ ର ଆୟୋଜନ କରି ମହାବିଦ୍ୟାଳୟରେ ଏକ ନୂଆ ଜାଗରଣ ଆଣିଦେଇଥିବା ଦେଖିବାକୁ ମିଳିଛି। ଏହି ମହାବିଦ୍ୟାଳୟର କାର୍ଯ୍ୟରତ ଲାଇବ୍ରେରୀଆନ ଅନୁପ ବିଶୋଇ ଶସ୍ତିକ ନିଜ ସ୍ତ୍ରୀ ମମତା ରାଣୀ ରକ୍ତଦାନ କରି ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ।






ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି ରକ୍ତଦାନ ଶିବିର ନୂତନ ଯୁବପିଢ଼ିଙ୍କୁ ଉତ୍ସାହିତ କରିବା ସହ ଆମ ଓଡିଶାର ସଭାପତି ସୌମ୍ୟରଂଜନ ପଟନାୟକଙ୍କ ସ୍ଲୋଗାନ ରକ୍ତ ର ଅଭାବରେ କାହାରିକୁ ମରିବାକୁ ଦିଆଯିବନି ସ୍ଲୋଗାନକୁ ସୁଦୃଢ କରିବ ବୋଲି ଅଧକ୍ଷ ଡ଼ଃ ଶେଷ ।ନନ୍ଦ ମିଶ୍ର ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ। ଆଜିର କାର୍ଯ୍ୟକ୍ରମକୁ ପଙ୍କଜ କୁମାର ପାତ୍ର,ସମ୍ବାଦ ସାହିତ୍ୟ ଘର ସଭାପତି ଗଣେଶ ଚନ୍ଦ୍ର ପଣ୍ଡା, ଏନ ଏସ ଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ହେମନ୍ତ ଦଳାଇ ଓ ଇନ୍ଦିରା ବେହେରା,ଅନୁପ ବିଶୋଇ ୟୁଥ ରେଡ କ୍ରସର ପ୍ରୋଗ୍ରାମ ଅଫିସର ବଲ୍ଲଭ ଯାନୀ ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକା ପରିଚାଳନା କରିଥିଲେ। ଜୟପୁର ବ୍ଲଡ଼ ବ୍ୟାଙ୍କ ର ଅଭୟ ପଣ୍ଡା,ବୁଲୁ ଗୌଡ଼ ଓ ଲତା ଦେଇ ରକ୍ତ ସଂଗ୍ରହ କରି ଥିଲେ ।

# ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଓ ବିଭିନ୍ନ ବିଭାଗକୁ ନେଇ ପ୍ରଦର୍ଶନୀ ମେଳା

ବଣାଇ,୨୩/୧୨ (ନି.ପ୍ର): ବଣାଇ ଶିକ୍ଷା ଗୋଷ୍ଠୀ କାର୍ଯ୍ୟାଳୟ ଅନ୍ତର୍ଗତ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲ ପରିସରରେ ଚାରି ଦିନ ଧରି ବିଜ୍ଞାନ ମେଳା ପ୍ରଦର୍ଶନୀ ଓ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟ ଅଧକ୍ଷା ସସ୍ମିତା ଚୌଧୁରି ଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ବଣାଇ ସହକାରୀ ଜିଲ୍ଲାପାଳ କୁଳମଣି ଦଳ, ସମ୍ମାନୀତ ଅତିଥି ଭାବେ ବଣାଇ ଜିଲ୍ଲା ଶିକ୍ଷା ଗୋଷ୍ଠୀ ଅଧିକାରୀ ସୁନୀଲ କୁମାର ମୁଣ୍ଡ, ବଣାଇ କ୍ଷୁଦ୍ର ଜଳ ସେଚନ କନିଷ୍ଠ ଯନ୍ତ୍ରୀ ସତ୍ୟଜିତ ରାଉତ, ଗୁରୁଣ୍ଡିଆ କଲେଜ ର ଅଧ୍ୟାପକ ତପନ କୁମାର ଦଣ୍ଡିଆ, ଆନ୍ତର୍ଜାତିକ କରାଟେ କୋଚ ବିଶ୍ୱଜିତ ବାରିକ, ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲ ର ପରିଚାଳନା ନିର୍ଦ୍ଦେଶକ ରାଜୁ ପୃଷ୍ଟେଠ କାର୍ଯ୍ୟକ୍ରମରେ ମଞ୍ଚାସିନ ଥିଲେ। ଛାତ୍ରଛାତ୍ରୀ ମାନେ ଅତିଥି ମାନଙ୍କୁ ମଞ୍ଚ ନିକଟକୁ ପାଛୋଟି ନେବା ପରେ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଅତିଥି ମାନେ ମଶାଲ ପ୍ରଜ୍ଜ୍ୱଳିତ କରି, ଫିତା କାଟି ଆନୁଷ୍ଠାନିକ ଭାବେ କ୍ରୀଡା ଉତ୍ସବ କୁ ଶୁଭାରମ୍ଭ କରିଥିଲେ। ବିଜ୍ଞାନ ପ୍ରଦର୍ଶନୀ ମେଳା ରେ ସମସ୍ତ ବର୍ଗର ଛାତ୍ର ଛାତ୍ରୀଙ୍କ ଦ୍ୱାରା ମୋଟ ୬୦ ରୁ ଉର୍ଦ୍ଧ୍ୱ ଗୋଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ଏଥିରେ ସମସ୍ତ ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। ଏହା ସହିତ ଶିଶୁ ମାନଙ୍କ ପିତା ମାତା ମାନେ ଝୋଟି, ଅଭିନୟ, ଖାଦ୍ୟ ଷ୍ଟଲ ସହିତ ଅନ୍ୟାନ୍ୟ ପ୍ରତିଯୋଗିତାରେ ରେ ଅଂଶ ଗ୍ରହଣ କରିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ନର୍ସରୀ ରୁ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀ ମାନେ ଦୌଡ, ଅଙ୍କକଷା, କୁକୁଡ଼ା ଲଢ଼େଇ, ଦୌଡ଼ିଡିଆଁ, ମୁଜିକ










ଚେୟାର, ଉଚ୍ଚଡିଆଁ, ଲମ୍ବଡିଆଁ, ନୃତ୍ୟ, ସଙ୍ଗୀତ, ପ୍ରଭୃତି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଏବଂ ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବାର୍ଷିକ କ୍ରୀଡା ଉତ୍ସବ ସମାରୋହରେ ସମସ୍ତ କୃତି ଛାତ୍ର ଛାତ୍ରୀ ମାନଙ୍କୁ ବିଦ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯିବ ବୋଲି ସ୍କୁଲ ଅଧକ୍ଷା ପ୍ରକାଶ କରିଥିଲେ।

# ପୁଣି ଆୟୁର୍ବେଦିକ ସମବାୟ ଫାର୍ମାସୀ ଆସିକା ଔଷଧ ଉତ୍ପାଦନ ହେବ

ଆସିକା, ୨୩/୧୨ (ନି.ପ୍ର):ଓଡ଼ିଶାର ଏକମାତ୍ର ଆୟୁର୍ବେଦିକ ସମବାୟ ଫାର୍ମାସୀ ଦୀର୍ଘ ମାସ ଔଷଧ ପ୍ରସ୍ତୁତି ବନ୍ଦ ହୋଇ ରହିଥିଲା। ଏଠାରେ ପୁଣି ଔଷଧ ଉତ୍ପାଦନ ଓ ବିକ୍ରି ଆରମ୍ଭ ହବାକୁ ଯାଉଛି । ଆଜି ରାଜ୍ୟ ସମବାୟ ନିବନ୍ଧ ଓ ରାଜ୍ୟ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ଫାର୍ମାସିଷ୍ଟ ଓ ରାଜ୍ୟ ଆୟୁର୍ବେଦିକ ଡ୍ରଗ୍ସ ଇନ୍ସପେକ୍ଟର ଡ଼ ମାଧବ ଚନ୍ଦ୍ର ସାମନ୍ତରାୟ ଙ୍କ ଅନୁଧ୍ୟାନ ପରେ ଏହା ପୁଣି ଥରେ ଉତ୍ପାଦନ ଆରମ୍ଭ ହେବା ନେଇ ତଥ୍ୟ ଆଜି ପ୍ରଦାନ କରିଛନ୍ତି। ଏହି ଆୟୁର୍ବେଦିକ ଔଷଧ ପ୍ରସ୍ତୁତ ଫର୍ମାସୀ ପକ୍ଷରୁ ଗତ ମେ ମାସରୁ ଉତ୍ପାଦନ ଓ ଔଷଧ ବିକ୍ରି ପାଇଁ ଲାଇସେନ୍ସ ରାଜ୍ୟ ଆୟୁଷ ମନ୍ତ୍ରାଳୟ ବାତିଲ କରିଥିଲେ।ପ୍ରକାଶ ଥାଉକି ପ୍ରତି ୫ ବର୍ଷରେ ଏହି ଲାଇସେନ୍ସ ନବିକରଣ କରାଯାଇଥାଏ। ଏହି ଫାର୍ମାସିର ତତକାଳିନ କାର୍ଯ୍ୟରତ ପରିଚାଳନା ସମ୍ପାଦକ ପ୍ରମୋଦ ପଣ୍ଡା ରାଜ୍ୟ ଆୟୁଷ ମନ୍ତ୍ରଳାୟକୁ ଲାଇସେନ୍ସ ନବିକରଣ ପାଇଁ ଆବଶ୍ୟକ ନଥିପତ୍ର ପ୍ରଦାନ କରିନଥିଲେ। ଏହି ଫାର୍ମାସିର ନିର୍ବାଚନ ବୋର୍ଡକୁ ସମବାୟ ବିଭାଗ ସସ୍ପେଣ୍ଡ ପରେ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠିର ଚାପରେ ପ୍ରମୋଦ ପଣ୍ଡା ନଥିପତ୍ର ପ୍ରଦାନ କରିନଥିଲେ। ଯାହାଫଳରେ ଏହି ଫାର୍ମାସିରେ ବର୍ଷକୁ ଏକ କୋଟି ଟଙ୍କାର ଔଷଧ ଉତ୍ପାଦନ ଓ ବିକ୍ରି ବନ୍ଦ ହୋଇ କ୍ଷତି ହୋଇଛି। ଦୀର୍ଘ ୮ ମାସ ହେଲା ୨୫ ଲକ୍ଷରୁ ଉର୍ଦ୍ଧ ୩୪ ଟି ବିଭିନ୍ନ ମୁଲ୍ୟବାନ ଔଷଧ ବିକ୍ରି ନ ହୋଇ ପଡିରହିଛି। ଏହାର ରାଜ୍ୟରେ ୧୦ ଟି ବିକ୍ରି ଶାଖା ରହିଛି ।ଏଠାରେ ପ୍ରାୟ ୨୫ ରୁ ଉର୍ଦ୍ଧ କର୍ମଚାରି କାର୍ଯ୍ୟରତ ଅଛନ୍ତି। ସେମାନେ ଗତ ଫେବୃୟାରୀରୁ ଦରମା ମଧ ପାଇନାହାଁନ୍ତି ।ଆସିକା ଏ ଆର ଏସ ଏସ ବିଜୟ ସାହୁଙ୍କ ଉପସ୍ଥିତ ରେ ଆଜି ରାଜ୍ୟ ଡ୍ରଗ୍ସ ନିରୀକ୍ଷକ ଫାର୍ମାସି ପରିଦର୍ଶନ କରି ଗଚ୍ଛିତ ଔଷଧ ଉତ୍ପାଦନ ପାଇଁ କଞ୍ଚା ମାଲ ବିଭିନ୍ନ ସରଞ୍ଜାମ ଓ ନଥିପତ୍ର ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଏହି ଶିଳ୍ପ ୧୯୩୭ ରେ ପ୍ରତିଷ୍ଠା ହୋଇ ବେସ ସୁନାମ ରଖିଥିଲ। ନିର୍ଦ୍ଦିଷ୍ଟ ରାଜନୈତିକ ଗୋଷ୍ଠି ଏହି ଫାର୍ମାସିକୁ ନିର୍ବାଚିତ ହୋଇ ଏହାର ବହୁ ଦୁର୍ନିତି କ୍ଷତି କରି ବା ଯୋଗୁଁ ଏହା ବନ୍ଦ ହେବାକୁ ଯାଉଥିଲା।

# ଗରିବଙ୍କୁ ମନା ଆବାସ ଯୋଜନା: ଅଯୋଗ୍ୟଙ୍କୁ ସାମିଲ୍ କରି ହେଉଛି ଅର୍ଥ ଆଦାୟ

ଚାନ୍ଦବାଲି ୨୩/୧୨ (ନି.ପ୍ର): ଦୀର୍ଘ ୨୫ ବର୍ଷର ବ୍ୟବଧାନ ପରେ ଏବେ ବଦଳିଛି ରାଜ୍ୟ ସରକାର ହେଲେ ଏବେବି ବଦଳି ନାହିଁ ପିସି କାରବାର । ଏବେବି ଆବାସ ଯୋଜନାରୁ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହେଉଥିବା ବେଳେ ଏହାର ଫାଇଦା ନେଉଛନ୍ତି ସଂପୂର୍ଣ୍ଣ ଅଯୋଗ୍ୟ ହିତାଧୀକାରୀ। ଏବେବି ବିଜୁ ଜନତା ଦଳର ବିଧାୟକ ଏବଂ ସରପଞ୍ଚ ଙ୍କ କଥାରେ ପରିଚାଳିତ ହେଉଛନ୍ତି ସରକାରୀ କର୍ମଚାରୀ ଯେଉଁଥି ପାଇଁ ବାଟ ମାରଣା ହେଉଛି ସରକାରୀ ଅର୍ଥ ଏବଂ ସରକାରଙ୍କ ଯୋଜନାରୁ ବଞ୍ଚିତ ହେଉଛନ୍ତି ଯୋଗ୍ୟ ହିତାଧିକାରୀ । ତେବେ ବିଭିନ୍ନ ରାଜନୈତିକ ଦଳର ନେତା ଏଂ ସରକାରୀ କର୍ମଚାରୀଙ୍କୁ ହାତ ଗୁଞ୍ଜା ଦେଇ ଗରିବଙ୍କ ଘର ହାତେଇଛନ୍ତି କିଛି ଅଯୋଗ୍ୟ ହିତାଧୀକାରୀ। ତେବେ ଚଳିତ ବର୍ଷ ଯୋଗ୍ୟ ହିତାଧିକାରୀ ଙ୍କୁ ଚୟନ କରି ଆବାସ ଯୋଜନାରେ ଶାମିଲ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ଥିବା ବେଳେ ସରକାରୀ କର୍ମଚାରୀ ମାନେ ତଦନ୍ତ ନକରି କିଛି ହାତ ଗୁଞ୍ଜା ନେଇ ଏହୀ ଯୋଜନାରେ ଅଯୋଗ୍ୟ ହିତାଧୀକାରୀ ଙ୍କୁ ସାମିଲ୍ କରିଥିବା ଅଭିଯୋଗ ହୋଇଛି। ତେବେ ଚଳିତ ବର୍ଷ ଚାନ୍ଦବାଲି ବ୍ଲକ ଚଡଦିଆ ପଞ୍ଚାୟତରେ ୩୦୫ ଜଣଙ୍କୁ ଆବାସ ଯୋଜନାରେ ଶାମିଲ କରାଯାଇଥିବା ବେଳେ ସେଥିରେ ଅଧିକାଂଶ ଅଯୋଗ୍ୟ ହିତାଧୀକାରୀ ରହିଥିବା ଅଭିଯୋଗ ହୋଇଛି। ତେବେ ସରକାରୀ କର୍ମଚାରୀ ମାନେ ଗ୍ରାମାଞ୍ଚଳରେ ସଠିକ୍ ଭାବରେ ତଦନ୍ତ ନକରି ସ୍ଥାନୀୟ ନେତା ଓ ଜନ ପ୍ରତିନିଧି ଙ୍କ କଥାରେ ପରିଚାଳିତ ହୋଇ ଅଯୋଗ୍ୟ ହିତାଧୀକାରୀ ଙ୍କୁ ଏହି ଯୋଜନାରେ ଶାମିଲ କରିଥିବା ଦେଖିବାକୁ ମିଳିଛି। ତେବେ ଲୋକଙ୍କ ଅଭିଯୋଗ ଅନୁଯାୟୀ ଚଡଦିଆ ପଞ୍ଚାୟତରେ ଅନେକ ଯୋଗ୍ୟ ହିତାଧିକାରୀ ରହିଥିବା ବେଳେ ବିଭିନ୍ନ







ରାଜନୈତିକ ଦଳର ନେତା ଙ୍କ ନିଷ୍ପତ୍ତି କ୍ରମେ ଅଯୋଗ୍ୟ ହିତାଧୀକାରୀ ଙ୍କୁ ଏହି ଆବାସ ଯୋଜନାରେ ସାମିଲ କରି ସେମାନଙ୍କ ଠାରୁ ଅର୍ଥ ଆଦାୟ କରାଯାଉଥିବା ଅଭିଯୋଗ କରିଛନ୍ତି କିଛି ଯୋଗ୍ୟ ହିତାଧିକାରୀ। ଆବାସ ଯୋଜନାରେ ଶାମିଲ ହୋଇଥିବା ଅଯୋଗ୍ୟ ହିତାଧିକାରୀଙ୍କ ଠାରୁ ୨୦ ହଜାର ଟଙ୍କା ଆଦାୟ କରାଯାଉଥିବା ବେଳେ ଯୋଗ୍ୟ ହିତାଧିକାରୀଙ୍କ ପାଖରୁ ମଧ ୧୦ ହଜାର ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି ।ତେବେ ଏହି ଘଟଣାରେ ସ୍ଥାନୀୟ ନେତାଙ୍କ ସହ ଜି, ଆର୍,ଏସ ଓ ପିଇଓ ଙ୍କର ସମ୍ପୂର୍ଣ୍ଣ ହାତ ଥିବା କାରଣରୁ ପ୍ରଭାବଶାଳୀ ବ୍ୟକ୍ତି ମାନେ ଚଞ୍ଚକତା କରି ହାତେଇଛନ୍ତି ପ୍ରଧାନମନ୍ତ୍ରୀ ଆବାସ ଯୋଜନା। ତେବେ ଏହି ଘଟଣା ସଂପର୍କରେ ପଞ୍ଚାୟତର ପିଇଓ ମୋହନ ସିଂ ଙ୍କୁ ପଚାରିବାରୁ ସେ ଏହି ଘଟଣା ସମ୍ପର୍କରେ କିଛି ଜାଣିନଥିବା କହିଥିବା ବେଳେ ସ୍ଥାନୀୟ ପ୍ରତିନିଧି ମଧ ସମାନ ଉତ୍ତର ଦେଇଛନ୍ତି। ତେବେ ଅନ୍ୟପଟେ କିଛି ହିତାଧିକାରୀ ଅଭିଯୋଗ କରିଛନ୍ତି ଯେ ଯଦି ଅର୍ଥ କାରବାର କରି ଆବାସ ଯୋଜନା ବଣ୍ଟା ଯାଇନାହିଁ ବା ଏହି ସବୁ ଘଟଣାରେ କିଛି ସତ୍ୟତା ନାହିଁ ତାହେଲେ ବ୍ଲକ ପ୍ରଶାସନ ପୁନଶ୍ଚ ତଦନ୍ତ କରି ଅଯୋଗ୍ୟ ହିତାଧିକାରୀ ଙ୍କୁ ଚିହ୍ନଟ କରିବା ସହିତ ଯୋଗ୍ୟ ହିତାଧିକାରୀ ଙ୍କୁ ଏହି ଯୋଜନାରେ ଶାମିଲ କରନ୍ତୁ। ଯଦି ବ୍ଲକ ପ୍ରଶାସନ ଏହି ଘଟଣାରେ ସମ୍ପୃକ୍ତ ନାହାନ୍ତି ତାହେଲେ ସେମାନେ କାହିଁକି ଗ୍ରାମାଞ୍ଚଳରେ ଆସି ତଦନ୍ତ କଲେ ନାହିଁ ,ଯଦି ସେମାନେ ତଦନ୍ତ କରିଥିଲେ ତାହେଲେ ଏତେ ସଂଖ୍ୟାରେ ଅଯୋଗ୍ୟ ହିତାଧୀକାରୀ ଆବାସ ଯୋଜନାରେ କେମିତି ସାମିଲ୍ ହେଲେ ତାହା ଏବେ ତଦନ୍ତ ସାପେକ୍ଷ୍ୟ।

# ଡିଭାଇନରେ ବାର୍ଷିକ କ୍ରୀଡା ଇଗନିସ-୨୦୨୪ ଉଦ୍‌ଯାପିତ: ରାଷ୍ଟ୍ର ନିର୍ମାଣରେ କ୍ରୀଡାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି

ବାରିପଦା,୨୩/୧୨ (ନି.ପ୍ର): ବାରିପଦା ସହର ନିକଟସ୍ଥ ବାହାଦୁରପୁର ଠାରେ ଅବସ୍ଥିତ ଡିଭାଇନ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନସରେ ବାର୍ଷିକ କ୍ରିଡା ପ୍ରତିଯୋଗୀତା ଇଗନିସ- ୨୦୨୪ ଉଦଯାପିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ଚେୟାରମେନ ତଥା ମେନେଜିଂ ଟ୍ରଷ୍ଟି ପୂର୍ଣଚନ୍ଦ୍ର ବୁଗୁଡେଇଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲାପରିଷଦ ସଭାପତି ଭାରତୀ ହାଁସଦା, ସତନ୍ତ୍ର ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲା ରୋଜଗାର ବିନିମୟ ଅଧିକାରୀ ଆସିଶ କୁମାର ବସନ୍ତିଆ ଏବଂ ଅନୁଷ୍ଠାନର




ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ ଯୋଗଦେଇ କ୍ରୀଡାର ଉପକାରିତା ଓ ରାଷ୍ଟ୍ର ନିର୍ମାଣରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଏହି କ୍ରୀଡା ମହାକୁମ୍ଭରେ ୨୬ ଟି ବିଭାଗରେ ଆୟୋଜିତ ହୋଇଥ ?ିବା ବେଳେ ଚମ୍ପିୟାନ ଦଳକୁ ଟ୍ରଫି ଏବଂ ଆର୍ଥିକ ପୁରସ୍କାର ମିଳିବା ସହ, ଏକକ କ୍ରୀଡାରେ ସ୍ଥାନିତ ହୋଇଥିବା କୃତି କ୍ରୀଡାବିତ ମାନଙ୍କୁ ଟ୍ରଫି, ମେଡାଲ ଓ ସାର୍ଟିଫିକେଟ ପ୍ରଦାନ କରାଯାଇଛି । ସେହିପରି ଶ୍ରେଷ୍ଠ ଛାତ୍ର ଖେଳାଳି ଭାବେ ତୃତୀୟ ବର୍ଷ ମେକାନିକାଲ ବିଭାଗର ଶନୀ ସାମଦ ଓ ଶ୍ରେଷ୍ଠ ଛାତ୍ରୀ ଖେଳାଳି ଭାବେ ଡିଭାଇନ ନର୍ସିଂ ବିଭାଗର ପ୍ରଥମ ବର୍ଷର ଛାତ୍ରୀ ରିମା ନାୟକଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଛି । ଶେଷରେ ଅଧକ୍ଷ ଇଂ ଅଭିନ୍ନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅନୁଷ୍ଠାନର ସମସ୍ତ ଅଧ୍ୟାପକ-ଅଧ୍ୟାପିକା ବୃନ୍ଦ ଚାରିଦିନ ଧରି କ୍ରୀଡା ପରିଚାଳନାରେ ସହଯୋଗ କରିଥିଲେ ।

## ସଂ ପା ଦ କୀ ୟ

# କଠିନ କୂଟନୀତି

ଭାରତକୁ ବର୍ତ୍ତମାନ ତା'ର ଭୂ-ରାଜନେ ?ତିକ, ନିରାପତ୍ତା ଓ ଏନର୍ଜି ସଂପର୍କିତ ରଣକେ ?ଶଳରେ ସୂକ୍ଷ୍ମ ପରିବର୍ତ୍ତନମାନ ଘଟାଇ ସେ ଅଞ୍ଚଳରେ କାର୍ଯ୍ୟ କରିବାକୁ ହେବ। ଆସାଦ୍ ?ଙ୍କ ମିତ୍ର ରାଷ୍ଟ୍ର ରୂପେ ଜଣାଶୁଣା ଭାରତକୁ ସିରିଆର ନୂତନ ଜିହାଦୀ ସରକାର ସନ୍ଦେହ ଦୃଷ୍ଟିରେ ଦେଖିବା ସ୍ୱାଭାବିକ। କିନ୍ତୁ 'ଏଚ୍ ?ଟିଏସ୍'ର ସମଧର୍ମା ଆଫଗାନିସ୍ତାନ୍ ?ରେ କ୍ଷମତାସୀନ ଜିହାଦୀ ଗୋଷ୍ଠୀ ତାଲିବାନ୍ ସହିତ ଭାରତ ଯେଉଁଭଳି ସୁସଂପର୍କ ପ୍ରତିଷ୍ଠା କରିବାରେ ସକ୍ଷମ ହୋଇଛି, ସିରିଆରେ ମଧ୍ୟ ତାହା ସମ୍ଭବ ହୋଇପାରେ। କୂଟନୀତିରେ କିଛି ବି ହେଲେ ଅସମ୍ଭବ ନୁହେଁ।ସିରିଆରେ ବାସର୍ ଆଲ୍-ଆସାଦ୍ ଶାସନର ପତନ କେବଳ ମଧ୍ୟପ୍ରାଚ୍ୟର ସେଇ ବିକ୍ଷୁବ୍ ?ଧ ଅଞ୍ଚଳରେ ଘଟିଥିବା ଏକ ସଦ୍ୟତମ ରାଜନେ ?ତିକ ବିସ୍ଫୋରଣ ନୁହେଁ, ଏହା ସହିତ ସେ ଦେଶରେ ଦୀର୍ଘ ଅର୍ଦ୍ଧଶତାବ୍ଦୀର ଆସାଦ୍ ବଂଶର ପାରିବାରିକ ଦଖଲର ମଧ୍ୟ ଅନ୍ତ ଘଟିଛି। ଏକ ବିଡ଼ମ୍ବନା ଭଳି ସୁନ୍ନୀ ଇସଲାମୀୟ ଆତଙ୍କବାଦୀ ସଂଗଠନ 'ଆଲ୍-କାଏଦା'ର ଏକ ପୂର୍ବତନ ପ୍ରଶାଖା ରୂପେ କୁଖ୍ୟାତ ଜିହାଦୀ ସଂଗଠନ 'ହୟାତ୍ ତାହ୍ ?ରିର୍ ଆଲ୍ ?-ସାମ୍' ('ଏଚ୍ ?ଟିଏସ୍')ର ବାସର୍ ଆସାଦ୍ ?ଙ୍କ ଉପରେ ଏହି ବିଜୟ ଯାହା ଯୋଗୁଁ ସମ୍ଭବ ହୋଇଛି; ସେ ହେଉଛି ଇସ୍ରାଏଲ୍। ଆସାଦ୍ ?ଙ୍କ ମୁଖ୍ୟ ପୃଷ୍ଠପୋଷକ ଦେଶ ଦ୍ୱୟ ହେଉଛନ୍ତି ରୁଷିଆ ଓ ଇରାନ୍। ରୁଷିଆ କିନ୍ତୁ ନିଜେ ୟୁକ୍ରେନ୍ ସହିତ ଯୁଦ୍ଧରେ ବ୍ୟାପୃତ ଥିବାରୁ ଆସାଦ୍ ?ଙ୍କୁ ଏବେ ଆବଶ୍ୟକ ସାମରିକ ସାହାଯ୍ୟ ଯୋଗାଇବାକୁ ସମର୍ଥ ହେଲାନାହିଁ। ସିଆ ଇରାନ୍ ତରଫରୁ ଇସଲାମୀୟ ଆତଙ୍କବାଦୀ ସଂଗଠନ ହେଜ୍ ?ବୋଲ୍ଲା କିନ୍ତୁ ଆସାଦ୍ ?ଙ୍କୁ ଏ ପର୍ଯ୍ୟନ୍ତ ଦୃଢ଼ ସହାୟତା ପ୍ରଦାନ କରି ଆସିଥିଲା। ନିକଟରେ ଇସ୍ରାଏଲ୍ କିନ୍ତୁ ଲେବାନନ୍ ?ରେ ଆଡ୍ ?ଡା ଜମାଇଥିବା ହେଜ୍ ?ବୋଲ୍ଲା ଉପରେ ତୁହାକୁ ତୁହା ଆକ୍ରମଣ କରି ତା'ର ମେରୁଦଣ୍ଡ ଭାଙ୍ଗିଦେବା ପରେ ଆସାଦ୍ ସଂପୂର୍ଣ୍ଣ ଅସହାୟ ହୋଇପଡ଼ିବାର ସୁଯୋଗ ନେଇ 'ଏଚ୍ ?ଟିଏସ୍'ର ଯୋଦ୍ଧାମାନେ ଅନାୟାସରେ ଆସାଦ୍ ?ଙ୍କୁ ପରାସ୍ତ କରିବାରେ ସକ୍ଷମ ହୋଇଛନ୍ତି। ଗୋଟିଏ ମନ୍ଦ ଶକ୍ତି ସ୍ଥାନରେ ଅନ୍ୟ ଏକ ମନ୍ଦ ଶକ୍ତି ବର୍ତ୍ତମାନ ସିରିଆକୁ ଦଖଲ କରିଛି।ସିରିଆରେ ଏହି କ୍ଷମତା ପରିବର୍ତ୍ତନ ଯେ ଭାରତ ପାଇଁ ଏକ ସ୍ପର୍ଶକାତର କୂଟନେ ?ତିକ ପରିସ୍ଥିତି ସୃଷ୍ଟି କରିଛି, ଏଥିରେ କେ ?ଣସି ସନ୍ଦେହ ନାହିଁ। ୨୦୧୧ ଠାରୁ ସେ ଦେଶରେ ଲାଗିରହିଥିବା ଗୃହଯୁଦ୍ଧ ସତ୍ତ୍ୱେ ସିରିଆ ସହିତ ଭାରତର କୂଟନେ ?ତିକ ସଂପର୍କ ଏ ପର୍ଯ୍ୟନ୍ତ ସ୍ଥିର ରହିଆସିଛି ବୋଲି କୁହାଯାଇପାରେ। ଆସାଦ୍ ସିରିଆର ନାଗରିକମାନଙ୍କ ଉପରେ ଅତ୍ୟାଚାର ଚଳାଇ ସେମାନଙ୍କର ମାନବାଧିକାର ଉଲ୍ଲଂଘନ କରିବାର ଗୁରୁତର ଅଭିଯୋଗ ହୋଇଆସୁଥିଲେ ହେଁ ସେ ଦେଶର ସାର୍ବଭେ ?ମତ୍ୱ, ଆଞ୍ଚଳିକ ଅଖଣ୍ଡତା ଓ ନିରପେକ୍ଷତାକୁ କାରଣ ରୂପେ ଦର୍ଶାଇ ଭାରତ ସିରିଆ ସହିତ ଦ୍ୱିପାକ୍ଷିକ ସଂପର୍କ ଅତୁଟ ରଖିଆସିଛି। ଜାତିସଂଘର ନିରାପତ୍ତା ପରିଷଦର ସଂକଳ୍ପ ୨୨୫୪କୁ ଉଲ୍ଲେଖ କରି ସିରିଆର ସମସ୍ୟା ସମାଧାନ ନିମିତ୍ତ ଏକ ସିରିଆ-ନେତୃତ୍ୱାଧୀନ ରାଜନେ ?ତିକ ପ୍ରକ୍ରିୟାକୁ ଭାରତ ସର୍ବଦା ଗୁରୁତ୍ୱ ପ୍ରଦାନ କରିଆସିଛି। ସିରିଆର ସାର୍ବଭେ ?ମତ୍ୱ, ସ୍ୱାଧୀନତା ଓ ଅଖଣ୍ଡତାକୁ ଏହା ଦ୍ୱାରା ଭାରତ ସେଇ ସଂକଳ୍ପ ଅନୁସାରେ ସମ୍ମାନ ପ୍ରଦର୍ଶନ କରିଛି ବୋଲି ଦର୍ଶାଇ ଆସିଛି।ଭାରତ ଅବଶ୍ୟ ଏଭଳି ଏକ ଆଭିମୁଖ୍ୟ ଗ୍ରହଣ କରି କେବଳ ଏକ ନିରବଦ୍ରଷ୍ଟା ହୋଇ ରହିନାହିଁ। ଭାରତ ମଧ୍ୟ ସିରିଆକୁ ଉଲ୍ଲେଖନୀୟ ଅର୍ଥନେ ?ତିକ ସହାୟତା ପ୍ରଦାନ କରିଆସିଛି। ଭାରତ ୨୦୨୧ରେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କେନ୍ଦ୍ର ଓ ଇସ୍ପାତ କାରଖାନା ସ୍ଥାପନ ନିମିତ୍ତ ସିରିଆକୁ ୨୮୦ ନିୟୁତ ଡଲାର୍ ସହାୟତା ପ୍ରଦାନ କରିଥିଲା। ସେହିପରି ଡାମାସ୍କସ୍ ?ରେ ଭାରତ ମଧ୍ୟ 'ନେକ୍ସଟ୍ ଜେନେରେସନ୍ ସେଣ୍ଟର୍ ଫର୍ ଇନ୍ ?ଫର୍ମେସନ୍ ଟେକ୍ ?ନୋଲୋଜି' ନାମକ ଏକ ଆଇଟି କେନ୍ଦ୍ର ସ୍ଥାପନ କରିଥିଲା, ଏବଂ ୧,୫୦୦ ସିରିଆନ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରିଥିଲା। ଭାରତ କେବଳ ବଦାନ୍ୟତା ପ୍ରଦର୍ଶନ କରି ଏଭଳି ପଦକ୍ଷେପମାନ ଗ୍ରହଣ କରିଥିଲା, ତାହା ନୁହେଁ; ପଶ୍ଚିମ ଏସିଆରେ ନିଜର ନିରାପତ୍ତା ଓ ଶକ୍ତି (ଏନର୍ଜି) ସଂପର୍କିତ ସ୍ୱାର୍ଥରକ୍ଷା ମଧ୍ୟ ଥିଲା ଭାରତର ଅନ୍ୟତମ ଉଦ୍ଦେଶ୍ୟ।ପ୍ରତିବଦଳରେ ବାସାର୍ ଆସାଦ୍ ମଧ୍ୟ ଭାରତ ପାଇଁ ଜଣେ ନିର୍ଭରଯୋଗ୍ୟ ସାଥୀ ରୂପେ ନିଜକୁ ପ୍ରମାଣିତ କରିଥିଲେ। ବିଶେଷ କରି କାଶ୍ମୀର ପ୍ରସଙ୍ଗରେ ତାଙ୍କର ଆଭିମୁଖ୍ୟ ଭାରତ ପାଇଁ ବିଶେଷ ଉପଯୋଗୀ ସାବ୍ୟସ୍ତ ହୋଇଥିଲା। ଉଦାହରଣ ସ୍ୱରୂପ ଧାରା-୩୭୦ ଉଚ୍ଛେଦକୁ ନେଇ ସେ ଅନ୍ୟ ଇସଲାମୀୟ ଦେଶମାନଙ୍କ ମଧ୍ୟରେ ଏକ ବ୍ୟତିକ୍ରମ ସ୍ୱରୂପ ଭାରତର ପଦକ୍ଷେପକୁ ଖୋଲାଖୋଲି ସମର୍ଥନ ଜଣାଇଥିଲେ। ଇସଲାମୀୟ ଦେଶମାନଙ୍କର ସଂଗଠନ 'ଅର୍ଗାନାଇଜେସନ୍ ଅଫ୍ ଇସ୍ ?ଲାମିକ୍ ? କୋଅପରେସନ୍' ('ଓଆଇସି')ର ସମାଲୋଚନାକୁ ତଥା ଅନ୍ୟ ଇସ୍ ?ଲାମୀୟ ଆରବ ଦେଶମାନଙ୍କର ତୀବ୍ର ବିରୋଧକୁ ଭ୍ରୂକ୍ଷେପ ନ କରି ଆସାଦ୍ ସେତେବେଳେ ଭାରତ ପଛରେ ଦୃଢ଼ ଭାବରେ ଛିଡ଼ା ହୋଇଥିଲେ। ବିଭିନ୍ନ ଆନ୍ତର୍ଜାତିକ ମଞ୍ଚରେ ମଧ୍ୟ ଆସାଦ୍ ଭାରତର ପକ୍ଷ ନେଇ ଚୀନ୍ ଓ ପାକିସ୍ତାନ ତରଫରୁ ହେଉଥିବା ବିରୋଧର ମୁକାବିଲା କରୁଥିଲେ। ଇସ୍ରାଏଲ୍ ସହିତ ଭାରତର ସଂପର୍କ ଘନିଷ୍ଠତର ହେବାକୁ ଲାଗିବା ପରେ ମଧ୍ୟ ଭାରତ ଆସାଦ୍ ?ଙ୍କ ପ୍ରତି କୃତଜ୍ଞତାର ଚିହ୍ନ ସ୍ୱରୂପ 'ଗୋଲାନ୍ ହାଇଟ୍ ?ସ' ପ୍ରସଙ୍ଗରେ ଆସାଦ୍ ?ଙ୍କ ପକ୍ଷ ନେଇ ଇସ୍ରାଏଲ୍ ଉପରେ ଚାପ ପକାଉଥିଲା। ବର୍ତ୍ତମାନ ଆସାଦ୍ ବିତାଡ଼ିତ ହେବା ପରେ ତେଣୁ ଭାରତ ଏକ ସଂପୂର୍ଣ୍ଣ ନୂତନ ସମୀକରଣର ସମ୍ମୁଖୀନ ହୋଇଛି। ସେ ଅଞ୍ଚଳରେ ରୁଷିଆ ଓ ଇରାନ୍ ?ର ପ୍ରଭାବ କ୍ଷୁଣ୍ଣ ହେବା ପରେ ସେଠାରେ 'ଏଚ୍ ?ଟିଏସ୍'ର ସମର୍ଥକ ତୁର୍କୀର ପ୍ରଭାବରେ ବର୍ତ୍ତମାନ ବୃଦ୍ଧି ଘଟିଛି। ଅନ୍ୟ ଆରବ ଦେଶମାନେ ସତର୍କତାର ସହିତ ପରିସ୍ଥିତି ଉପରେ ନଜର ରଖିଥିବା ବେଳେ ଆମେରିକାର ନବନିର୍ବାଚିତ ଭାବୀ-ରାଷ୍ଟ୍ରପତି ଡୋନାଲ୍ ?ଡ ଟ୍ରମ୍ପ ସିରିଆର ଭବିଷ୍ୟତ ସିରିଆବାସୀଙ୍କ ଉପରେ ନିର୍ଭର କରେ ବୋଲି କହିସାରିଲେଣି; ଅର୍ଥାତ୍ ଆମେରିକା ସେଠାରେ ସଂପୃକ୍ତ ହେବାକୁ ଯାଉନାହିଁ। ଆଗାମୀ ଦିନମାନଙ୍କରେ ଯେତେବେଳେ ସେଠାରେ ଧୀରେ ଧୀରେ ସ୍ଥିରତା ଦେଖା ଦେବ, ଭାରତକୁ ସେତେବେଳେ ଅତ୍ୟନ୍ତ ସନ୍ତର୍ପଣର ସହିତ ଅଗ୍ରସର ହେବାକୁ ପଡ଼ିବ।ବର୍ତ୍ତମାନ ସେଠାରେ ପ୍ରଭାବହୀନ ହୋଇପଡ଼ିଥିବା ଉଭୟ ରୁଷିଆ ଓ ଇରାନ୍ ସହିତ ଭାରତ ଉତ୍ତମ ତଥା ସମୟ-ପରୀକ୍ଷିତ ସଂପର୍କ ଉପଭୋଗ କରିଆସିଛି। ଇସ୍ରାଏଲ୍ ମଧ୍ୟ ହେଉଛି ଭାରତର ଏକ ନିର୍ଭରଯୋଗ୍ୟ ମିତ୍ର ଦେଶ। କିନ୍ତୁ ଇରାନ୍ ଓ ଇସ୍ରାଏଲ୍ ମଧ୍ୟରେ ସଂପର୍କ ଅହି-ନକୁଳ ଶ୍ରେଣୀର ହୋଇଥିବାରୁ ସିରିଆରେ ଉତ୍ପନ୍ନ ନୂତନ ପରିସ୍ଥିତି ଭାରତକୁ ଏକ ଅତ୍ୟନ୍ତ ଜଟିଳ କୂଟନେ ?ତିକ ପରିସ୍ଥିତିର ସମ୍ମୁଖୀନ କରାଇଥାଏ। ଭାରତକୁ ବର୍ତ୍ତମାନ ତା'ର ଭୂ-ରାଜନେ ?ତିକ, ନିରାପତ୍ତା ଓ ଏନର୍ଜି ସଂପର୍କିତ ରଣକେ ?ଶଳରେ ସୂକ୍ଷ୍ମ ପରିବର୍ତ୍ତନମାନ ଘଟାଇ ସେ ଅଞ୍ଚଳରେ କାର୍ଯ୍ୟ କରିବାକୁ ହେବ। ଆସାଦ୍ ?ଙ୍କ ମିତ୍ର ରାଷ୍ଟ୍ର ରୂପେ ଜଣାଶୁଣା ଭାରତକୁ ସିରିଆର ନୂତନ ଜିହାଦୀ ସରକାର ସନ୍ଦେହ ଦୃଷ୍ଟିରେ ଦେଖିବା ସ୍ୱାଭାବିକ। କିନ୍ତୁ 'ଏଚ୍ ?ଟିଏସ୍'ର ସମଧର୍ମା ଆଫଗାନିସ୍ତାନ୍ ?ରେ କ୍ଷମତାସୀନ ଜିହାଦୀ ଗୋଷ୍ଠୀ ତାଲିବାନ୍ ସହିତ ଭାରତ ଯେଉଁଭଳି ସୁସଂପର୍କ ପ୍ରତିଷ୍ଠା କରିବାରେ ସକ୍ଷମ ହୋଇଛି, ସିରିଆରେ ମଧ୍ୟ ତାହା ସମ୍ଭବ ହୋଇପାରେ। କୂଟନୀତିରେ କିଛି ବି ହେଲେ ଅସମ୍ଭବ ନୁହେଁ।

# ଆଧୁନିକ ଯୁଗର 'ସମ୍ପର୍କ ଭଞ୍ଜକ'

ଅବଶ ପରିଡ଼ା

କଳ୍ପନା କରନ୍ତୁ, ଆପଣ ନିଜ ବନ୍ଧୁଙ୍କ ସହ କଥା ହେଉଛନ୍ତି। କିନ୍ତୁ ବାର୍ତ୍ତାଳାପ ମଧ୍ୟରେ ଆପଣଙ୍କ ବନ୍ଧୁ ବାରମ୍ବାର ଫୋନ୍ ଦେଖୁଛନ୍ତି ଏବଂ ଆପଣଙ୍କ କଥାକୁ ଧ୍ୟାନ ଦେଉନାହାନ୍ତି। ସ୍ୱାଭାବିକ ଭାବେ ଆପଣ ପ୍ରଥମେ ଚିନ୍ତା କରିବେ ଯେ ତାଙ୍କର ଫୋନ୍ ?ରେ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥାଇପାରେ। କିନ୍ତୁ ଯଦି ଏହି ଭଳି ଆଚରଣ ନିୟମିତ ହୁଏ ତେବେ ଏହା ନିଶ୍ଚିତ ଯେ ଆପଣ ନିଜକୁ ଅଣଦେଖା ଅନୁଭବ କରିବେ। ଏଭଳି ଆଚରଣ ଏବେ ବ୍ୟାପକ। କାର୍ଯ୍ୟକ୍ଷେତ୍ରରେ ସହକର୍ମୀଙ୍କଠାରୁ ମିଟିଂରେ ବସିଥିବା ଶ୍ରୋତା ଯାଏ ଏବଂ ଦମ୍ପତିଙ୍କଠାରୁ ଆରମ୍ଭ କରି ଛୋଟପିଲା ଯାଏ, ସ୍ମାର୍ଟଫୋନ୍ ବ୍ୟବହାର କରୁଥିବା ଅଧିକାଂଶ ବ୍ୟକ୍ତିବିଶେଷ ଏହାଦ୍ୱାରା ଆକ୍ରାନ୍ତ। ଏହାର ନାଁ ହେଉଛି 'ଫବିଂ', ଇଂରେଜୀ ଶବ୍ଦ 'ଫୋନ୍' ଓ 'ସ୍ନବ୍'ର ମିଶ୍ରଣ। ଏହାର ଅର୍ଥ ହେଉଛି ସ୍ମାର୍ଟଫୋନ୍ ଉପରେ ଅଧିକ ଧ୍ୟାନ ଦେଉଥିବା ସମୟରେ ନିଜ ସାମାଜିକ ପରିବେଶ, ସାଙ୍ଗସାଥୀ ଏପରିକି ନିଜ ଜୀବନସାଥୀଙ୍କ ଉପସ୍ଥିତିକୁ ଅଣଦେଖା କରିବା। ଏକ ପ୍ରସିଦ୍ଧ ମନୋବିଜ୍ଞାନ ପତ୍ରିକାରେ ଉଲ୍ଲେଖ ଅଛି ଯେ ସୋସିଆଲ୍ ? ମିଡିଆର ନିଶା, କୌଣସି ଘଟଣାରୁ ବାଦ୍ ପଡ଼ିଯିବାର ଭୟ (ଫୋମୋ), ବ୍ୟକ୍ତିତ୍ୱର ଗୁଣ ଓ ମାନସିକ ଦୁଃଖ ସହିତ ଫବିଂ ଆଚରଣ ସକାରାତ୍ମକ ଭାବରେ ସମ୍ବନ୍ଧିତ। ଅନ୍ୟପଟେ ଜୀବନ ସନ୍ତୋଷ ସହ ଏହା ପ୍ରତିକୂଳ ଭାବେ ଜଡ଼ିତ। ବ୍ୟକ୍ତିଗତ ଓ ସାମାଜିକ ସମ୍ପର୍କ ଉପରେ ଏହି ଆଚରଣର ନକାରାତ୍ମକ ପ୍ରଭାବ କାରଣରୁ ଏହା ଏବେ ସମାଜବିଜ୍ଞାନୀଙ୍କ ଦୃଷ୍ଟି ଆକର୍ଷଣ କରିଛି। କେତେକ ଗବେଷଣାରେ ଫବିଂକୁ 'ସମ୍ପର୍କ ଭଞ୍ଜକ' ବୋଲି ଆଖ୍ୟା ମଧ୍ୟ ଦିଆଯାଉଛି। ବୋଷ୍ଟନ କନ୍ ?ସଲ୍ ?ଟିଂ ଗ୍ରୁପ୍ (ବିସିଜି)ର ଏକ ରିପୋର୍ଟ ଅନୁଯାୟୀ, ଭାରତୀୟମାନେ ପ୍ରତିଦିନ ୨୯୪ ମିନିଟ୍ ? ବା ପାଖାପାଖି ୫ ଘଣ୍ଟା ସ୍ମାର୍ଟଫୋନ୍ ?ରେ ବିତାଉଛନ୍ତି। ସମୁଦାୟ ଭାବରେ ଯଦି ଆମେ ଦେଖିବା ଏହା ସପ୍ତାହକୁ ଗୋଟିଏ ଦିନ, ମାସକୁ ୬ ଦିନ ଓ ବର୍ଷକୁ ୭୦ ଦିନରୁ ଅଧିକ ହେବ। ସେହିପରି ସ୍ମାର୍ଟଫୋନ୍ ?ଧାରୀ ଭାରତୀୟମାନେ ଦିନକୁ ହାରାହାରି ୮୦ ଥର ନିଜ ଫୋନ୍ ଯାଞ୍ଚ କରନ୍ତି। ବ୍ୟକ୍ତିଗତ ଭିତ୍ତିକ ଏହି ବ୍ୟୟ ସମୟ ଆହୁରି ଅଧିକ ହୋଇପାରେ। ଯଦି ଆମେ ଦାମ୍ପତ୍ୟ ସମ୍ପର୍କରେ ସ୍ମାର୍ଟଫୋନ୍ ?ର ବ୍ୟବହାରକୁ ବିଚାର କରିବା ତେବେ ଜାଣିବା ଯେ ସମ୍ପର୍କର ସନ୍ତୁଷ୍ଟି ମଧ୍ୟ ଫବିଂ ଆଚରଣ ଦ୍ୱାରା ଦିନକୁ ଦିନ ହ୍ରାସ ପାଉଛି। ଏଭଳି ଆଚରଣ ଜୀବନସାଥୀମାନଙ୍କୁ ଗୁରୁତ୍ୱହୀନ ଓ ଅବହେଳିତ ଅନୁଭବ କରାଇବା ସହ ଭାବନାତ୍ମକ ଦୂରତା ମଧ୍ୟ ସୃଷ୍ଟି କରୁଛି। ସମୟ କ୍ରମେ, ଏହା ଜୀବନସାଥୀମାନଙ୍କ ମଧ୍ୟରେ ଥିବା ବିଶ୍ୱାସ ଓ ଅନ୍ତରଙ୍ଗତାର ଭିତ୍ତିଭୂମିକୁ ନଷ୍ଟ କରୁଛି ବୋଲି ପରିବାର ପରାମର୍ଶଦାତାମାନେ ମତ ରଖୁଛନ୍ତି। ଏହାବ୍ୟତୀତ ଅନେକ ଅଧ୍ୟୟନରେ ପ୍ରକାଶ ପାଇଛି ଯେ ବାପା ଓ ମା' ଉଭୟ ଫୋନ୍ ଭିତରେ ମଜ୍ଜିଯାଇ ନିଜ ପିଲାକୁ ମଧ୍ୟ ଅଣଦେଖା କରିଛନ୍ତି।



ବୈଷୟିକ ଜ୍ଞାନକୌଶଳ ସହିତ ଆମର ନିବିଡ଼ତା ହିଁ ଫବିଂର ଜନକ। ସୋସିଆଲ ମିଡିଆରେ ଖୁବ୍ ପ୍ରଚଳିତ ରିଲ୍ ଓ ସର୍ଟସ୍ ? ଭଳି କମ୍ ଅବଧିର ଭିଡିଓ ଉଭୟ ସମୟ ଓ ଧ୍ୟାନ ଆକର୍ଷଣ କରିବା ପାଇଁ ଡିଜାଇନ୍ କରାଯାଇଛି, ଏଥିରେ ସନ୍ଦେହ ନାହିଁ। ଇନ୍ ?ଷ୍ଟାଗ୍ରାମ୍ ? କିମ୍ବା ଫେସବୁକ୍ ?ର ଲାଇକ୍ ? ମିଳିବାର 'ନୋଟିଫିକେସନ୍' ହେଉ ବା ହ୍ୱାଟ୍ ?ସଆପ୍ ? ମେସେଜ୍ ?ର ଶବ୍ଦ, ଏସବୁ ଆମର ମସ୍ତିଷ୍କର 'ଡୋପାମାଇନ୍ ?' ନାମକ ଖୁସି ହ ?ମୋନ୍ ?କୁ ସକ୍ରିୟ କରିଥାଏ। ବୋଧ ହୁଏ ସେଥିପାଇଁ ଆମେ ସାମାଜିକ ପରିବେଶରେ ଥିଲେ ମଧ୍ୟ ଫୋନକୁ ବାରମ୍ବାର ଯାଞ୍ଚ କରିବାକୁ ଦ୍ୱିଧା ପ୍ରକାଶ କରୁନାହୁଁ। ଅନ୍ୟ ଦିଗରେ ବାସ୍ତବତାରୁ ବର୍ତ୍ତିବା ପାଇଁ ସ୍ମାର୍ଟଫୋନ୍ ? ଏକ ଅଭିନବ ଉପକରଣ ଭାବେ ବିନିଯୋଗ କରାଯାଉଛି। ଉଦାହରଣ ସ୍ୱରୂପ, ଯେତେବେଳେ କଥାବାର୍ତ୍ତା ଆମ ପାଇଁ ଏତେ ଆକର୍ଷଣୀୟ ହେଉ ନାହିଁ, ସେ ସମୟରେ ଫୋନ୍ ଆମକୁ ଅସହଜ ମୁହୂର୍ତ୍ତ ଏଡ଼ାଇବାରେ ସାହାଯ୍ୟ କରୁଛି ଉଭୟ ଜାଣତରେ ବା ଅଜାଣତରେ ଆମ ସମ୍ପର୍କର ମୂଲ୍ୟ ଫୋନ୍ ପାଇଁ ବାଜିରେ ଲାଗୁଛି। ଲୋକଙ୍କ ସହ କଥାବାର୍ତ୍ତା ପରିବର୍ତ୍ତେ ବାରମ୍ବାର ଫୋନ୍ ?ରେ ସମୟ ଉପଯୋଗ କରିବା ଦ୍ୱାରା ସାମାଜିକ ଦକ୍ଷତା ହ୍ରାସ ପାଉଛି। ଏଠି ଜାଣିବା ଉଚିତ ଯେ ସହାନୁଭୂତି ବିକଶିତ କରିବା, ଅଣ-ମୌଖିକ ସଙ୍କେତକୁ ବୁଝିବା ଓ ଗଭୀର ସମ୍ପର୍କ ସୃଷ୍ଟି କରିବା ପାଇଁ ମୁହାଁମୁହିଁ ବାର୍ତ୍ତାଳାପ ଅପରିହାର୍ଯ୍ୟ। ଫବିଂ ଆଚରଣକୁ ନେଇ 'ହେଲ୍ ?ଥଲାଇନ୍' ୱେବ୍ ?ସାଇଟ୍ ? ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ, ପ୍ରାୟ ୩୨% ଲୋକ ଦିନକୁ ଦୁଇରୁ ତିନି ଥର ଫୋନ୍ ପାଇଁ ଅନ୍ୟଜଣକୁ ଅଣଦେଖା କରନ୍ତି। ଏହି ଆଚରଣ ସାମାଜିକ ସମ୍ପର୍କ ଓ ମାନସିକ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇବା ସହିତ ଅବହେଳାର ଭାବନା ଓ ଭାବନାତ୍ମକ ଅସୁସ୍ଥତା ବୃଦ୍ଧି କରିପାରେ। ଫବିଂ ହେଉଛି ଆଧୁନିକ ସମାଜର ଏକ ପ୍ରତୀକାତ୍ମକ ସଂକେତ ଯେ ଆମେ ଡିଜିଟାଲ ଭାବରେ ସଂଯୁକ୍ତ କିନ୍ତୁ ମାନବିକ ଭାବରେ ପରସ୍ପର ଠାରୁ ଦୂରେଇ ଯାଉଛୁ। ଏହାର ମୁକାବିଲା କରିବାର ଅର୍ଥ ହେଉଛି ପ୍ରାମାଣିକ ସମ୍ପର୍କ ଓ ମାନବିକ ସମ୍ପର୍କ ପୁନଃଆବିଷ୍କାର କରିବା। ଫବିଂ ଆଚରଣ କିପରି ସମ୍ପର୍କ ସନ୍ତୋଷକୁ ପ୍ରଭାବିତ କରେ ସେ ବିଷୟବସ୍ତୁକୁ ନେଇ ଏକ ସର୍ଭେର ଅଂଶଗ୍ରହଣକାରୀମାନେ ସେମାନଙ୍କ ଜୀବନ ସନ୍ତୋଷ, ସମ୍ପର୍କ ସନ୍ତୋଷ, ସମ୍ପର୍କର ଗୁଣବତ୍ତା ଓ ଫବିଂର ପ୍ରଭାବ ବିଷୟରେ ମତ ବାଢ଼ିଥିଲେ। ସେମାନଙ୍କ ଅନୁଯାୟୀ ସମ୍ପର୍କରେ ସନ୍ତୋଷ ପାଇଁ କଥାକୁ ସକ୍ରିୟ ହୋଇ ଶୁଣିବା ଆବଶ୍ୟକ। ଏହା ସହ ଉଭୟ ଉଭୟଙ୍କୁ ଦେଖିବା ଓ ବୁଝିବା ଜରୁରି। କିନ୍ତୁ ଯେତେବେଳେ ଆମ ପାଖେ ଫୋନ ଥାଏ ସେତେବେଳେ କେଉଁଠି ନାଁ କେଉଁଠି ଏସବୁ ସମ୍ଭବ ହୁଏ ନାହିଁ।ନିର୍ଦ୍ଧାରିତ ଫୋନ୍-ମୁକ୍ତ ସମୟ ହିଁ ଏକ ପ୍ରକାର ସମାଧାନ। ଅନେକ ଖେଳାଳି, ଅଭିନେତା ଓ ପ୍ରସିଦ୍ଧ ବ୍ୟକ୍ତିତ୍ୱ 'ତିନି-ଦୁଇ-ଏକ' ଫର୍ମୁଲା ବ୍ୟବହାର କରନ୍ତି। ଏହାର ଅର୍ଥ ରାତିରେ ଶୋଇବାର ତିନି ଘଣ୍ଟା ଆଗରୁ ଖାଦ୍ୟ ଖାଇବା, ଦୁଇ ଘଣ୍ଟା ଆଗରୁ ଫୋନ୍ ?ଠାରୁ ଦୂରେଇ ରହିବା ଓ ଏକ ଘଣ୍ଟା ଆଗରୁ ବିଛଣାକୁ ଯିବା। ଏହାବ୍ୟତୀତ ସକ୍ରିୟ ଭାବେ ଶୁଣିବାର ଅଭ୍ୟାସ କରିବା ମଧ୍ୟ ସାମାଜିକ ଅନୁଭୂତିକୁ ଯଥେଷ୍ଟ ବୃଦ୍ଧି କରିବାରେ ସାହାଯ୍ୟ କରେ। ପରିଶେଷରେ, ମନେ ରଖିବାକୁ ହେବ ଯେ ଫବିଂ ଆମ ସମ୍ପର୍କର ଗୁଣବତ୍ତା ଓ ସାମଗ୍ରିକ ସୁସ୍ଥତାକୁ ଦୁର୍ବଳ କରିବାର କ୍ଷମତା ରଖିଛି। ଏହାର ପଞ୍ଝାରୁ ମୁକ୍ତ ହେବାର ଉପାୟ ମଧ୍ୟ ଆମ ହାତରେ ଅଛି- ଉପସ୍ଥିତ ମୁହୂର୍ତ୍ତକୁ ଅନୁଭବ କରିବା, ଅର୍ଥପୂର୍ଣ୍ଣ ବାର୍ତ୍ତାଳାପରେ ନିୟୋଜିତ ହେବା ଓ ଡିଜିଟାଲ ଅନ୍ୟମନସ୍କତା ଅପେକ୍ଷା ମାନବ ସମ୍ପର୍କକୁ ପ୍ରାଥମିକତା ଦେବା।

# ଜୀବନ ଓ ଜୀବିକାର ସନ୍ତୁଳନ

ସୁଭାଷ ପଟ୍ଟନାୟକ

"ଜୀବନର ଅର୍ଥ ହେଉଛି କଷ୍ଟ ସହିବା, ମାତ୍ର ଜିଇଁବାର ତାତ୍ପର୍ଯ୍ୟ ସେ କଷ୍ଟ ମଧ୍ୟରୁ ବଞ୍ଚିବାର ଅର୍ଥ ଖୋଜିବା।" କହିଥିଲେ ଦାର୍ଶନିକ ଫ୍ରେଡ୍ ?ରିକ୍ ନିତା। ଜିଇଁବା ପାଇଁ ଆବଶ୍ୟକ ହୁଏ ଜୀବିକାର, ହେଲେ ବିନା କିଛି କଷ୍ଟ ସହ୍ୟ କରି ଜୀବିକା ଅର୍ଜନ ଅସମ୍ଭବ। ସେ କଷ୍ଟ ମଧ୍ୟରୁ ଆମେ ଯେଉଁ ଅର୍ଥଟି ଖୋଜୁଥାଉ, ତାହା ହିଁ ତ' ଜୀବନ! ଜୀବିକା ଆମ ପାଇଁ ଅନ୍ୟ ସମସ୍ତ କାର୍ଯ୍ୟଠାରୁ ଅଧିକ ମହତ୍ତ୍ୱ ରଖିଥାଏ। ବୃତ୍ତିଗତ ସଫଳତା ପାଇଁ ଚେଷ୍ଟା ଅନ୍ୟ ସମସ୍ତ କାର୍ଯ୍ୟକୁ ଆମର ଗୌଣ କରିଦିଏ। ତେଣୁ ଜୀବନ ଓ ଜୀବିକା ମଧ୍ୟରେ ଏକ ସନ୍ତୁଳନ କେବଳ ଯେ ଶାରୀରିକ, ମାନସିକ ଓ ଭାବନାତ୍ମକ କ୍ଷେତ୍ରରେ କଲ୍ୟାଣକାରୀ ତାହା ନୁହେଁ, ବରଂ ଜୀବନରେ ସଫଳ ହେବା ପାଇଁ ଏହାର ଆବଶ୍ୟକତା ଅନିବାର୍ଯ୍ୟ। ଏ ଉଭୟର ସନ୍ତୁଳନ ରକ୍ଷା ହେଉଛି ଜୀବନଶୈଳୀର ଏପରି ଏକ ସମତୁଲ୍ୟତା ଯେଉଁଠାରେ ଆମେ ଜୀବିକା ଓ ବ୍ୟକ୍ତିଗତ ଜୀବନର ଚାହିଦାକୁ ସମାନ ଭାବରେ ପ୍ରାଧାନ୍ୟ ଦେଇଥାଉ। ଅନ୍ୟଥା ଏ ଉଭୟଙ୍କ ମଧ୍ୟରେ ସମୟ ଓ ମନସ୍ତାତ୍ତ୍ୱିକ ଶକ୍ତିର ସୁଷମ ବଣ୍ଟନ ହୋଇପାରେନି ଏବଂ ଉଭୟ କ୍ଷେତ୍ରରୁ ସମାନ ସନ୍ତୁଷ୍ଟି ମିଳିବା କଷ୍ଟ ହୁଏ।

କିଛି ଉଦାହରଣ ଦେଖାଯାଉ। ଏଇ ଗତ ସପ୍ତାହର ରାଜଧାନୀ ଉପକଣ୍ଠର ଘଟଣା। ପତିପତ୍ନୀ ଉଭୟ ପରଦିନ ପଡୁଥିବା ନିଜର ପ୍ରଥମ ବିବାହ ବାର୍ଷିକୀ ପାଳନ ପାଇଁ ଯୋଜନା କରି ସ୍ଥିର କଲେ ଯେ, ରାଜଧାନୀକୁ ଆସି ଲିଙ୍ଗରାଜଙ୍କୁ ଦର୍ଶନ କରିବେ ଏବଂ ଦିନଟି ସହର ବୁଲି କଟାଇବେ। କିନ୍ତୁ ସକାଳୁ ପତିଙ୍କର ଅଫିସରେ କିଛି କାମ ପଡ଼ିଗଲା। ପତି ଚାହିଁଲେ ବିବାହ ବାର୍ଷିକୀ ପାଳନ ସେଦିନ ପାଇଁ ସ୍ଥଗିତ ରଖି ଅଫିସ ଚାଲିଯିବେ। ଏ କଥାକୁ ନେଇ ପତିପତ୍ନୀଙ୍କ ମଧ୍ୟରେ ମାନଅଭିମାନ, ଯୁକ୍ତିତର୍କ ଓ ଶେଷରେ କଳିତକରାଳ ଘଟିଲା। ପତି ଅଫିସ ଚାଲିଗଲେ, ଏଣେ ମାନସିକ ଭାରସାମ୍ୟ ହରାଇ ପତ୍ନୀ କରିଦେଲେ ଆତ୍ମହତ୍ୟା। ହିରଣ୍ୟବାବୁଙ୍କ ପୁଅ ରୁଗ୍ ?ଣା ମାଆଙ୍କୁ ଦେଖିବାକୁ ବର୍ଷକ ପରେ ଘରକୁ ଆସିଲା। ମାଆଙ୍କୁ ଦେଖିବ କ'ଣ, ଖାଇବା ପିଇବା ଭୁଲି ଲ୍ୟାପ୍ ?ଟପ୍ ଧରି ଅଫିସ କାମ କରିବାକୁ ବସିଗଲା ରାତି ବାରଟା ଯାଏ। ଆଉ ପରିଡ଼ାବାବୁଙ୍କ କଥା ଆପଣ ତ ଜାଣନ୍ତି। ଏଗାରଟା ପୂର୍ବରୁ ଅଫିସରେ ପହଞ୍ଚିପାରନ୍ତିନି। ପୁଣି ପାଞ୍ଚଟା ବେଳେ ଝିଅକୁ ଟ୍ୟୁସନ ନେବାକୁ ତାଙ୍କୁ ଅଫିସ ଛାଡ଼ିବାକୁ ପଡ଼େ। ହାକିମଙ୍କ ଠାରୁ ତାଗିଦା ଶୁଣିଶୁଣି କୌଣସି ପରିବର୍ତ୍ତନ ତାଙ୍କର ଏଯାଏ ହୋଇପାରିନି। ପ୍ରଶ୍ନ ଉଠେ, ଏପରି ପରିସ୍ଥିତି ଠାରୁ ନିଜକୁ ଦୂରେଇ ରଖିବାକୁ ଆମେ ଜୀବିକା ଓ ଜୀବନ ମଧ୍ୟରେ ସମୟର ସୁଷମ ବଣ୍ଟନ କରିବା କେମିତି? ଜୀବିକା ପଛରେ ବ୍ୟସ୍ତ ରହି ଜୀବନକୁ ଭୁଲିଗଲେ ହେବନି କି ଜୀବନ ମଧ୍ୟରେ ବୁଡ଼ି ରହି ଜୀବିକାକୁ ମଧ୍ୟ ଅଣଦେଖା କରି ହେବନି। ଏବର କର୍ମ-ସଂସ୍କୃତି ଏମିତି ଯେ, ପୂର୍ବପରି ଆଉ ନିର୍ଦ୍ଧାରିତ ସମୟ ଅବଧି ପରେ ଜୀବିକାରେ ରୋକ୍ ଲଗାଇ ବ୍ୟକ୍ତିଗତ ଜୀବନକୁ ଫେରିହେଉନି। ପୂର୍ବେ ଆଠ ଘଣ୍ଟାର କାର୍ଯ୍ୟାଳୟ ନିୟମକୁ ପ୍ରାଧାନ୍ୟ ଦିଆଯାଉଥିଲା। କେହି ଅଧିକ କିଛି ସମୟ ଦେଇପାରିଲେ ଉତ୍ତମ କର୍ମଚାରୀରେ ଗଣ୍ୟ ହେଉଥିଲା। ବର୍ତ୍ତମାନର 'ଜେନେରେସନ୍ ?-ଜେଡ୍' ପାଇଁ ଏ କାର୍ଯ୍ୟ ସଂସ୍କୃତି ବଦଳିଗଲାଣି। ଜୀବିକାର ପ୍ରାଧାନ୍ୟ ଯୁବପିଢ଼ି ପାଇଁ ଜୀବନଠାରୁ ଅଧିକ ହେଲାଣି। କରୋନା କାଳରେ ଓ ତା'ପରେ ଘରେ ରହି କାମ କରିବାରେ ଏକ ବୃହତ୍ତର ଅଂଶ ଏବେ ଅଭ୍ୟସ୍ତ। ଏହା ଫଳରେ ବରଂ କର୍ମଚାରୀଟି ଅଧିକ ସମୟ ଖଟୁଛି। ଲାଭବାନ ହେଉଛି ନିଯୁକ୍ତିଦାତା। ଅଫିସ ପରିଚାଳନା ଖର୍ଚ୍ଚ ପଡୁନାହିଁ ଏବଂ ଅଧିକ ସମୟର କାମ ଆଦାୟ ହୋଇପାରୁଛି। ଏପଟେ କର୍ମଚାରୀଟି ବ୍ୟକ୍ତିଗତ ଜୀବନର ସନ୍ତୁଳନ ହରାଇ ବସୁଛି। ଏପରି ଏକ କର୍ମ ସଂସ୍କୃତିକୁ ମଧ୍ୟ ଯୁବପିଢ଼ି ସ୍ୱୀକାର କରିନେଲେଣି। ଉଭୟ କ୍ଷେତ୍ରର ଏକ ସୁସ୍ଥ ସନ୍ତୁଳନ କେବଳ ଯେ ବ୍ୟକ୍ତିଗତ ଜୀବନ ପାଇଁ ଗୁରୁତ୍ୱପୂର୍ଣ୍ଣ ତାହା ନୁହେଁ, କର୍ମଜୀବୀର ଉତ୍ପାଦକତା ଓ କାର୍ଯ୍ୟଦକ୍ଷତାକୁ ଉନ୍ନତ କରିବା ପାଇଁ ଏହା ଆବଶ୍ୟକ। କର୍ମଚାରୀଟି ଯଦି କାର୍ଯ୍ୟକୁ ଏକ ବୋଝ ନ ଭାବେ ତେବେ ସେ କାର୍ଯ୍ୟ ପ୍ରତି ଅଧିକ ଅନୁପ୍ରାଣିତ ହୁଏ ଏବଂ ତ୍ରୁଟିଶୂନ୍ୟ ସେବା ଯୋଗାଇଥାଏ।ଜୀବନର ଗତିଶୀଳତା ବଜାୟ ରଖିବାକୁ ଲକ୍ଷ୍ୟ ଓ ପ୍ରାଥମିକତା ପ୍ରଥମେ ଚିହ୍ନଟ କରିବା ଏକାନ୍ତ ଜରୁରି। ପରିସ୍ଥିତିର ଆଧାରରେ କେବେକେବେ ଜୀବନକୁ ଓ ଆଉ କେତେବେଳେ ଜୀବିକାକୁ ପ୍ରାଥମିକତା ଦେବାକୁ ହେବ। ଗୋଟିକ ପାଇଁ ଅନ୍ୟଟିକୁ ଉପେକ୍ଷା କଲେ ଗତି ବ୍ୟାହତ ହୋଇଯିବ। ବ୍ୟକ୍ତିଗତ ଜୀବନରେ ଯଦି ପରିତୃପ୍ତି ନ ମିଳେ ଜୀବିକାରେ ମିଳିବ କିପରି? କେଉଁ ଗୋଟିଏ ପଟକୁ ଭାରଦଣ୍ଡ ନଇଁ ପଡ଼ିଲେ ଅନ୍ୟଟି ପ୍ରଭାବିତ ହେବ। ନିଜକୁ କେବେ ପରୀକ୍ଷା କରି ଦେଖନ୍ତୁ, ଆପଣ ଏ ସନ୍ତୁଳନ ରଖିପାରିଛନ୍ତି କି? ଯଦି ପାରିଛନ୍ତି, ତେବେ ଆପଣ ଅନୁଭବ କରୁଥିବେ ଯେ, ଉଭୟ କ୍ଷେତ୍ରରେ ଆପଣଙ୍କର ଭୂମିକା ଓ ଦାୟିତ୍ୱବୋଧ ମଧ୍ୟରେ କିଛି ବ୍ୟତିକ୍ରମ ନ ଥିବ, ଅଧିକ ସମୟ ନ ଦେଇ ମଧ୍ୟ ଜୀବିକା ସଂପାଦନ କରିପାରୁଥିବେ, ସୁଖ ଭୋଜନ, ସୁଖ ନିଦ୍ରା ଓ ପାରିବାରିକ ହସଖୁସିରେ ଅନ୍ତରାୟ ହେଉନଥିବ, ବିଶ୍ରାମ ନେବାକୁ ସମୟ ମିଳୁଥିବ, ଜୀବିକା କ୍ଷେତ୍ରରୁ ବାହୁଡ଼ିବା ପରେ ମନରେ ସେ ନେଇ ଆଉ କିଛି ଚିନ୍ତା ରହୁନଥିବ ଏବଂ ପରିବାର ପାଇଁ ଆପଣ ସମୟ ଦେଇପାରୁଥିବେ। ଅବଶ୍ୟ କାର୍ଯ୍ୟ ଓ ଜୀବନ ମଧ୍ୟରେ ସନ୍ତୁଳନ ବ୍ୟକ୍ତିବିଶେଷରେ ଭିନ୍ନଭିନ୍ନ। କାରଣ ଜୀବନ ପାଇଁ ଆମର ପ୍ରତିବଦ୍ଧତା ଏକପ୍ରକାର ନୁହେଁ। ବର୍ତ୍ତମାନ ସମୟରେ ଏ ସନ୍ତୁଳନ ସଂପୂର୍ଣ୍ଣ ବ୍ୟକ୍ତିଗତ ବ୍ୟାପାର। ଆପଣ ନିଜେ ହିଁ ସ୍ଥିର କରିପାରିବେ କେଉଁ ପ୍ରକାର ଜୀବନଶୈଳୀ ଆପଣଙ୍କ ପାଇଁ ଉପଯୁକ୍ତ।ପ୍ରକୃତରେ ଜୀବନ ଓ ଜୀବିକା ପରସ୍ପରଠାରୁ ଅଲଗା ନୁହନ୍ତି। ଜୀବିକା ମଧ୍ୟ ଜୀବନର ଏକ ଅଂଶ। ଯଦି ଏ ଦୁଇଟିକୁ ଭିନ୍ନ ବୋଲି ଧରାଯାଏ, ଏପରି ବ୍ୟାଖ୍ୟା ହେବ ଯେ ଜୀବନ ଜୀବିକା ନୁହେଁ ଏବଂ ଜୀବିକା ମଧ୍ୟ ଜୀବନ ନୁହେଁ। କଥାଟି ଅବାସ୍ତବ ନୁହେଁ କି? ତେଣୁ ମାନିନେବାକୁ ହେବ ଯେ ଜୀବିକା ଜୀବନର ଏକ ବୃହତ୍ତମ ଘଟକ। ଜୀବିକା ମଧ୍ୟରେ ଥାଇ ମଧ୍ୟ ଆମେ ଜୀବନ ଜିଇଁଥାଉ। ଅତଏବ ସନ୍ତୁଳନ ଏ ଉଭୟଙ୍କ ମଧ୍ୟରେ ନୁହେଁ, ସନ୍ତୁଳନ ଲୋଡ଼ା ହୁଏ ଜୀବିକା ମଧ୍ୟରେ ଥିବାବେଳେ ଜୀବନର ଓ ଜୀବନ ମଧ୍ୟରେ ଥାଇ ଜୀବିକାର। ଜୀବିକାକୁ ଜୀବନର ଏକ ଅଂଶ ଭାବି ଦେଖନ୍ତୁ, ସନ୍ତୁଳନର ଆବଶ୍ୟକତା ଆଉ ଅଛି କି? ଦୁଇଟି ଜ୍ୱଳନ୍ତ ଦୀପ ଅଲଗା ହେଲେ ମଧ୍ୟ ସେ ଦୁଇଟିର ଆଲୋକକୁ ଯେମିତି ଅଲଗା କରିହୁଏନି, ଜୀବନ ଓ ଜୀବିକା ଠିକ୍ ସେମିତି। ଅଲଗା, କିନ୍ତୁ ଅବିଚ୍ଛେଦ୍ୟ। "ତେରେ ଚରାଗ୍ ଅଲଗ୍ ହୋଁ, ମେରେ ଚରାଗ ଅଲଗ/ମଗର ଉଜାଲା ତୋ ଫିରଭି ଜୁଦା ନହିଁ ହୋତା..."

# ଲଙ୍କାପୁରୀ ଧ୍ୱଂସ



ଲଙ୍କାରେ ନିଆଁ ପ୍ରଭୁ ବଜରଙ୍ଗବାଲୀ ଲଗାଇଥିଲେ। କିନ୍ତୁ କଣ ଜାଣିଛନ୍ତି କି ଏହି ଘଟଣା ମାତା ପାର୍ବତୀଙ୍କ ଅଭିଶାପ କାରଣରୁ ହୋଇଥିଲା। ତେବେ ଜାଣନ୍ତୁ ଏପରି କଣ ହୋଇଥିଲା ଯେ ମା' ପାର୍ବତୀ ଲଙ୍କା ଜଳିବାର ଅଭିଶାପ କାହିଁକି ଏବଂ କିପରି ଦେଇଥିଲେ।

ଉଲ୍ଲେଖ ରହିଛି ଥରେ ମାତା ପାର୍ବତୀ ଭଗବାନ ବିଷ୍ଣୁ ଏବଂ ମାତା ଲକ୍ଷ୍ମୀଙ୍କୁ କୈଳାସରେ ଭୋଜନ କରିବାକୁ ଆମନ୍ତ୍ରିତ କରିଥିଲେ। ସେହି ସମୟରେ ମା' ଲକ୍ଷ୍ମୀ ପାର୍ବତୀଙ୍କୁ ପଚାରିଥିଲେ ଆପଣ ଏପରି ଥଣ୍ଡା ପବନ ମଧ୍ୟରେ କିପରି ରହୁଛନ୍ତି। ଏପରି କଥା ମାତା ପାର୍ବତୀଙ୍କୁ ଖୁବ୍ ଆହତ କରିଥିଲା। କିଛି ଦିନ ପରେ ମାତା ଲକ୍ଷ୍ମୀ ଦେବୀ ପାର୍ବତୀଙ୍କୁ ନିଜର ବୈକୁଣ୍ଠ ଧାମକୁ ନିମନ୍ତ୍ରଣ କରିଥିଲେ। ଏହାପରେ ଦେବୀ ପାର୍ବତୀ ମାତା ଲକ୍ଷ୍ମୀଙ୍କ ନିମନ୍ତ୍ରଣରେ ଭଗବାନ ଶଙ୍କରଙ୍କ ସହ ବୈକୁଣ୍ଠରେ ପହଞ୍ଚିଥିଲେ। ସେଠାରେ ଦେବୀ ପାର୍ବତୀ ବୈକୁଣ୍ଠ ଧାମର ବୈଭବ ଏବଂ ଐଶ୍ୱର୍ଯ୍ୟ ଦେଖି ଭୋଳାନାଥଙ୍କୁ ଏହିଭଳି ଏକ ଅତ୍ୟନ୍ତ ବୈଭବଶାଳୀ ମହଲ ନିର୍ମାଣ କରିବା ପାଇଁ କହିଥିଲେ। ପ୍ରଥମେ ଭୋଳାନାଥ ମାତା ପାର୍ବତୀଙ୍କୁ ବହୁତ ବୁଝାଇବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ଦେବୀ ପାର୍ବତୀ ନମାନିବାରୁ ଶଙ୍କର ଭଗବାନ ବିଶ୍ୱକର୍ମାଙ୍କୁ ମହଲ ନିର୍ମାଣ କରିବା ଦାୟିତ୍ୱ ଦେଇଥିଲେ। ପରେ ବିଶ୍ୱକର୍ମା ସୁନାର ମହଲ ନିର୍ମାଣ କରିଥିଲେ। ସୁନାର ମହଲ ନିର୍ମାଣ ହେବା ପରେ ମାତା ପାର୍ବତୀ ସମସ୍ତ ଦେବୀ-ଦେବତାଙ୍କୁ ନିମନ୍ତ୍ରଣ କରିଥିଲେ। ପରେ ଘରର ବାସ୍ତୁ ପ୍ରତିଷ୍ଠା ପୂଜା କରିବା ପାଇଁ ଅତ୍ୟନ୍ତ ବିଦ୍ୱାନ ରାବଣଙ୍କ ପିତା ଋଷି ବିଶ୍ରବାଙ୍କୁ ନିମନ୍ତ୍ରଣ କରାଯାଇଥିଲା। ମହଲର ଚାକଚକ୍ୟ ଦେଖିବା ପରେ ଋଷି ବିଶ୍ରବା ଏହି ମହଲକୁ ଦାନରେ ମାଗିଥିଲେ।

ଏଥିରେ ଭଗବାନ ଶଙ୍କର ମଧ ତାଙ୍କୁ ନିରାଶ ନ କରି ମହଲକୁ ଦାନ କରିଦେଇଥିଲେ। ଏଥିରେ ମାତା ପାର୍ବତୀ ଖୁବ ଦୁଃଖିତ ହୋଇଥିଲେ ଏବଂ ସେ ଋଷି ବିଶ୍ରବାଙ୍କୁ ଦାନରେ ନେଇଥିବା ମହଲକୁ ଜଳି ଯିବାର ଅଭିଶାପ ଦେଇଥିଲେ। କିନ୍ତୁ ଏହି ଘଟଣାରେ ଭଗବାନ ବଜରଙ୍ଗବାଲୀ ସୁନାର ଲଙ୍କାପୁରୀକୁ ଜଳାଇ ଭସ୍ମ କରିଥିବାର ଉଲ୍ଲେଖ ରହିଛି।

# କାନ୍ଥଘଣ୍ଟା



ଦକ୍ଷିଣ ଦିଗରେ ଥିବା କାନ୍ଥରେ କେବେହେଲେ ଘଣ୍ଟା ଟାଙ୍ଗିବା ଉଚିତନୁହେଁ । କାରଣ ଦକ୍ଷିଣ ଦିଗ ଯମଙ୍କ ଦିଗ ହୋଇଥାଏ । ଯମଙ୍କୁ ମୃତ୍ୟୁର ଦେବତା ଭାବେ ଗ୍ରହଣ କରାଯାଇଛି । ତେଣୁ ଅଫିସ ହେଉ କିମ୍ୱା ଘର ଦକ୍ଷିଣ ଦିଗ କାନ୍ଥରେ ଘଣ୍ଟା ଟାଙ୍ଗିବା ଅଶୁଭ ବୋଲି ବିବେଚନା କରାଯାଇଥାଏ । ଗୃହର ମୁଖ୍ୟ ଦ୍ୱାର ଉପରେ ଘଣ୍ଟା କେବେହେଲେ ଲଗାଇବା ଉଚିତ ନୁହେଁ । ବନ୍ଦ ରହିଥିବା ଘଣ୍ଟା ଯଥାଶୀଘ୍ର ଠିକ୍ କରିନେବା ଉଚିତ୍ । ଯଦି ଘଣ୍ଟା ସମ୍ପୂର୍ଣ୍ଣ ଖରାପ ହୋଇଯାଇଛି ତା'କୁ ଘରେ ମଧ ରଖିବା ଅନୁଚିତ । କୌଣସି ସମ୍ପର୍କୀୟଙ୍କୁ କେବେହେଲେ ଉପହାର ଆକାରରେ ଘଣ୍ଟା ଦେବା ଉଚିତ୍ ନୁହେଁ । ଯଦି ଘଣ୍ଟା ସମୟ ଆଗକୁ କିମ୍ୱା ପଛକୁ ହୋଇଯାଇଥାଏ ତା'କୁ ଠିକ୍ ସମୟରେ ମିଶାଇ ଦିଅନ୍ତୁ । ଘଣ୍ଟା ବିଳମ୍ବରେ କିମ୍ୱା ଅଧିକ ଆଗୁଆ ହୋଇ ଚାଲୁନଥିବା ଆବଶ୍ୟକ । କାନ୍ଥରେ ଟଙ୍ଗା ହୋଇଥିବା ଘଣ୍ଟାରେ କେବେହେଲେ ଧୂଳି ବସିବା ଉଚିତ ନୁହେଁ । ମଧୁର ଶବ୍ଦ କରୁଥିବା ଘଣ୍ଟା ଟାଙ୍ଗିବା ଉଚିତ। ଗୃହର ପୂର୍ବ, ଉତ୍ତର ଏବଂ ପଶ୍ଚିମ କାନ୍ଥରେ ହିଁ ଘଣ୍ଟା ଟାଙ୍ଗିବା ଆବଶ୍ୟକ । ବାସ୍ତୁ ଶାସ୍ତ୍ର ଅନୁଯାୟୀ ଗୃହରେ ବାସ୍ତୁ ଦୋଷ ନିବାରଣ କରିବାକୁ ହେଲେ ଦକ୍ଷିଣ ଦିଗରେ ଥିବା ଘର କାନ୍ଥରେ ପରିବାର ମୁଖ୍ୟ କିମ୍ୱା ଗୃହକର୍ତ୍ତାଙ୍କ ଫଟୋ ଲଗାଇବା ଉଚିତ୍ । କାରଣ ଏହି ଦିଗ ଗୃହକର୍ତ୍ତାଙ୍କର ହୋଇଥାଏ । ଏପରି କରିବା ଦ୍ୱାରା ଘରେ ଶୁଭ ପ୍ରଭାବ ବୃଦ୍ଧି ପାଇଥାଏ । ପରିବାରର ମୁଖ୍ୟ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ମଧ ଭଲ ରହିଥାଏ ।

# ଶ୍ରୀଜଗନ୍ନାଥଙ୍କ ପରମଭକ୍ତ ମନେଇ

ପାଖାପାଖି ୫୦୦ ବର୍ଷ ତଳେ ପୁରୀ ଜିଲ୍ଲାର କାଣ୍ଡଗୋଦା ଗ୍ରାମରେ ପରମ ବୈଷ୍ଣବ ଭକ୍ତ ମନେଇ ସାହୁ ଜନ୍ମଗ୍ରହଣ କରିଥିଲେ । ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଜଣେ ପରମଭକ୍ତ ଭାବେ ସେ ଜଣାଶୁଣା ଥିଲେ। ମାତା-ପିତାଙ୍କ ଧର୍ମପରାୟଣତାର ଗଭୀର ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା। ମନେଇ ପ୍ରତିଦିନ ପାଖାପାଖି ୧୫ ମାଇଲ୍ ବାଟ ଚାଲି ଚାଲି ବଡ଼ ଦେଉଳରେ ତିନି ଠାକୁରଙ୍କୁ ଦର୍ଶନ କରୁଥିଲେ। ଅତିବଡ଼ି ଜଗନ୍ନାଥ ଦାସଙ୍କ ସହ ତାଙ୍କ ଘନିଷ୍ଠତା ରହିଥିଲା। ଉଭୟ ଅନେକ ସମୟରେ ଭକ୍ତି ଆଲୋଚନାରେ ମଗ୍ନ ରହୁଥିଲେ । ମନେଇ ସାହୁ ବଡ଼ ଦେଉଳକୁ ଯିବା ସମୟରେ ସବୁଦିନ ଅତିବଡ଼ିଙ୍କୁ ଭେଟୁଥିଲେ । କୁହାଯାଏ ଶ୍ରୀମଦ୍ ଭାଗବତ ରଚନା କରିବା ପରେ ଭ୍ରମ ସଂଶୋଧନ ପାଇଁ ଅତିବଡ଼ି ତାହାକୁ ମନେଇ ସାହୁଙ୍କୁ ଆଣି ଦେଖାଇଥିଲେ। ଶ୍ରୀଜଗନ୍ନାଥଙ୍କ ଠାରୁ ସ୍ୱପ୍ନାଦେଶ ପାଇଁ ଅତିବଡ଼ି ଏପରି କରିଥିଲେ ବୋଲି ଲୋକମୁଖରୁ ଶୁଣାଯାଏ।



ମନେଇ ସାହୁଙ୍କ ବିବାହ ପିଲାଦିନରୁ ହୋଇଯାଇଥିଲା। ହେଲେ ସାଂସାରିକ ବନ୍ଧନ ତାଙ୍କୁ ବେଶିଦିନ ବାନ୍ଧି ପାରିନଥିଲା। ସେ ସର୍ବଦା ଭଗବତ୍ ପାଦରେ ନିଜକୁ ସମର୍ପିତ କରି ରଖିଥିଲେ । ବୃଦ୍ଧ ହୋଇଯିବା ପରେ ମନେଇ ସାହୁ ସବୁଦିନ ଆଉ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ ଯାଇପାରିଲେ ନାହିଁ । ଥରେ ସେ ଗାଁ ପୋଖରୀକୁ ଗାଧୋଇ ଯାଇଥିବା ସମୟରେ ଏକ ନିମ୍ବ ଗଛରୁ ଚନ୍ଦନ ବାସ୍ନା ପାଇଲେ। ସେହି ନିମ୍ବ ଗଛର ଗଣ୍ଡି ଏତେ ଭାରୀ ଥିଲା ଯେ ତା'କୁ କେହି ଉଠାଇପାରୁନଥିଲେ। ମନେଇ ସାହୁ ପ୍ରଭୁ ଜଗନ୍ନାଥଙ୍କୁ ସ୍ମରଣ କଲେ। ଏହାର କିଛି କ୍ଷଣ ପରେ ଗାଁଲୋକମାନେ ସେହି ନିମ୍ବ ଗଣ୍ଡିକୁ ଉଠାଇ କାଣ୍ଡଗୋଦା ଗ୍ରାମକୁ ନେଇ ଆସିଲେ। ସେହି ଗଣ୍ଡିରେ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ପ୍ରତିମା ନିର୍ମାଣ କରାଯାଇ ଗାଁରେ ପ୍ରତିଷ୍ଠା କରାଗଲା। ମନେଇ ପ୍ରତିଦିନ ନିଜ ପ୍ରିୟ ଠାକୁରଙ୍କୁ ଦେଖିବାର ସୁଯୋଗ ପାଇଲେ । ଆଉ ଏକ ଚମତ୍କାର ଘଟଣାକ୍ରମେ ଥରେ ମନେଇ ପୋଖରୀରେ ଗାଧୋଉଥିବା ସମୟରେ ଏକ ପକ୍ଷୀଟିଏ ସେହି ପୋଖରୀରୁ ମାଛ ଖାଇବା ଲାଗି ଆସିଲା। ଭୋକିଲା ଥିବା ପକ୍ଷୀଟି ପୋଖରୀରେ ମାଛଟିଏ ପହଁରୁଥିବା ଦେଖି କୁଦା ମାରିଲା ଏବଂ ତା'କୁ ଗିଳିଦେବା ଲାଗି ଚେଷ୍ଟା କରିଥିଲା। ହେଲେ ଦୁର୍ଯୋଗକୁ ବଡ଼ କଣ୍ଟା ମାଛଟି ପକ୍ଷୀର ତଣ୍ଟିରେ ଲାଗିଗଲା। ଯନ୍ତ୍ରଣାରେ ଅତିଷ୍ଠ ପକ୍ଷୀଟି ଜୀବନ ବିକଳରେ ଛଟପଟ ହେବାକୁ ଲାଗିଲା। ପକ୍ଷୀର ଦୁଃଖ ସହିନପାରି ମନେଇ ଜଗନ୍ନାଥଙ୍କ ନାମ ସ୍ମରଣ କରି ପକ୍ଷୀର ତଣ୍ଟିକୁ ଆଉଁସି ଦେଲେ। ତୁରନ୍ତ ତଣ୍ଟିରୁ କଣ୍ଟା ମାଛଟି ପକ୍ଷୀର ପେଟ ଭିତରକୁ ଗଳିଗଲା। ସେହିଦିନ ଠାରୁ ଓଡ଼ିଆ ଘରେ ଗୋଟିଏ ବିଶ୍ୱାସ ରହିଯାଇଛି । କାହା ତଣ୍ଟିରେ ମାଛ କଣ୍ଟା ଲାଗିଗଲେ, ମନେଇ ସାହୁଙ୍କ ନାଁ ସ୍ମରଣ କରାଯାଇଥାଏ। ତାଙ୍କ ନାଁ ଧରିବା ମାତ୍ରେ ତଣ୍ଟିରୁ କଣ୍ଟା ବାହାରିଯାଏ ବୋଲି ବିଶ୍ୱାସ ରହିଛି ।



# କାନ ଯନ୍ତ୍ରଣାର ଘରୋଇ ଉପଚାର

କାନରେ ଯନ୍ତ୍ରଣା ହେବା ଏକ ସାଧାରଣ ସମସ୍ୟା । ଏହି ଯନ୍ତ୍ରଣା ଉଭୟ କାନରେ ହୋଇପାରେ, ହେଲେ ଅଧିକାଂଶ ସମୟରେ ଏହା ଗୋଟିଏ କାନରେ ବି ହୋଇପାରେ । କାନର ଯନ୍ତ୍ରଣା କିଛି ସମୟ ବା ବେଶି ସମୟ ଧରି ଲାଗି ରହିପାରେ । ଏହି ଯନ୍ତ୍ରଣା କେତେବେଳେ ହାଲକା, ତ ଆଉ କେତେବେଳେ ଖୁବ୍ ଅଧିକ ହୋଇଥାଏ । କାନ ଇନଫେକ୍ସନ ବ୍ୟତୀତ ଆହୁରି କେତେକ କାରଣରୁ କାନରେ ଯନ୍ତ୍ରଣା ହୋଇଥାଏ ।

**କାନରେ ଯନ୍ତ୍ରଣାର ଲକ୍ଷଣ:** କେବେ କେବେ କାନରେ ଯନ୍ତ୍ରଣା ହେବା କାରଣରୁ ଠିକରେ ଶୁଣାଯାଏନି । କିଛି ଲୋକଙ୍କ କାନରେ ତରଳ ପଦାର୍ଥ ମଧ ବାହାରି ଥାଏ । କାନ ଯନ୍ତ୍ରଣା କାରଣରୁ ପିଲାଙ୍କୁ ଶବ୍ଦ ରହି ରହି ଶୁଣାଯାଏ। ଜ୍ୱର ଆସିବା, ଶୋଇବାରେ ସମସ୍ୟା ଦେଖାଦେବା, କାନରେ ଅସହଜ ଲାଗିବା, ଚିଡିଚିଡ଼ାପଣ, ମୁଣ୍ଡବ୍ୟଥା ଓ ଭୋକ କମିଯିବା ଭଳି ଲକ୍ଷଣ ଦେଖା ଦେଇପାରେ ।

**କାନ ଯନ୍ତ୍ରଣାର ସାମାନ୍ୟ କାରଣ:** ସଂକ୍ରମଣ, ଆଘାତ, କାନରେ ଜ୍ୱଳନ କାରଣରୁ କାନରେ ଯନ୍ତ୍ରଣା ହୋଇପାରେ। ଦାନ୍ତରେ ଯନ୍ତ୍ରଣା କାରଣରୁ ମଧ କାନରେ କଷ୍ଟ ଅନୁଭବ ହୁଏ । ଇନଫେକ୍ସନ କାରଣରୁ କାନ ଭିତରୁ ଯନ୍ତ୍ରଣା ହୋଇଥାଏ । ଇନଫେକ୍ସନ ସୁଇମିଂ ହେଡ୍‌ଫୋନ୍, ତୁଳା ଓ ଆଙ୍ଗୁଠି ପୂରାଇବା ଦ୍ୱାରା ବାହାରୁ ସଂକ୍ରମଣ ହୋଇପାରେ ।

**କାନ ଯନ୍ତ୍ରଣା ଅନ୍ୟ କାରଣ:** ବାୟୁର ପ୍ରଭାବ, କାନରେ ମଇଳା, ଗଳା ଖରାପ ହେଲେ, ସାଇନସର ସଂକ୍ରମଣ, କାନରେ ପାଣି ବା ସାମ୍ପୁ ପଶିଗଲେ, ଦାନ୍ତରେ ସଂକ୍ରମଣ, କାନରେ ଏକଜିମା ହେବା କାରଣରୁ ମଧ ଯନ୍ତ୍ରଣା ହୋଇଥାଏ ।



**ଘରେ କେମିତି କରିବେ ଚିକିତ୍ସା:** କାନରେ ଯନ୍ତ୍ରଣା ହେଲେ ଏହାର ଚିକିତ୍ସା ଘରେ କରାଯାଇପାରିବ । କାନକୁ ଓଦା ହେବାକୁ ଦିଅନ୍ତୁ ନାହିଁ। କାନରୁ ଯନ୍ତ୍ରଣା ହ୍ରାସ କରିବା ପାଇଁ ସିଧା ହୋଇ ବସନ୍ତୁ । ଚୁଇଗମ୍ ଚୋବାଇବାରେ ମଧ କମ୍ ପ୍ରଭାବ ପଡ଼ିପାରେ । ନବଜାତ ଶିଶୁ କାନରେ ଯନ୍ତ୍ରଣା ଯଦି ହୁଏ ତାକୁ କ୍ଷୀର ପିଅନ୍ତୁ । ଏଥିରେ କାନରେ ଯନ୍ତ୍ରଣା ପ୍ରଭାବ କମିଯାଏ ।



# ଗୃହ ନିର୍ମାଣ ପାଇଁ ବାସ୍ତୁ ନିୟମ




ବାସ୍ତୁ ଅନୁସାରେ ଭୂମି ଚୟନ କରିବା ଉପରେ ବିଶେଷ ଦୃଷ୍ଟି ଦିଆଯିବା ଆବଶ୍ୟକ। ବାସ୍ତୁ ସିଦ୍ଧାନ୍ତରେ କୁହାଯାଇଛି ଯେ, ଚାରିପାର୍ଶ୍ୱ ତଥା ଭବନର ମଧ୍ୟଭାଗରେ ଖୋଲା ଆକାଶ ରହିବା ଆବଶ୍ୟକ। ଭବନରେ ଜଳ ଭଣ୍ଡାରର ସ୍ଥାନ ପ୍ରତି ମଧ ଦୃଷ୍ଟି ଦେବା ଆବଶ୍ୟକ। ଏହି କ୍ରମରେ ଆଗ୍ନେୟ ଉପକରଣଗୁଡ଼ିକୁ ଆଗ୍ନେୟ କୋଣରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାୟୁ ଆତଯାତ ସକାଶେ ବେଶୀ ଗବାକ୍ଷ(ଝରକା) ଏବଂ ଆଲୋକ ଗବାକ୍ଷ (ସ୍କାଏ ଲାଇଟ୍) ରହିବା ଆବଶ୍ୟକ। ଏହି ତତ୍ତ୍ୱଗୁଡ଼ିକର ପରସ୍ପର କ୍ରିୟା-ପ୍ରତିକ୍ରିୟା ଅନୁସାରେ ସେଗୁଡ଼ିକ ଭିତରେ ସନ୍ତୁଳନ ରଖାଯାଏ। ଯଦି ବିପରୀତ ତତ୍ତ୍ୱଗୁଡ଼ିକ ଭିତରେ ସନ୍ତୁଳନ ରଖା ନ ଯାଏ, ତା' ହେଲେ ଅଶୁଭ ପରିଣାମ ହୋଇଥାଏ। ପଞ୍ଚତତ୍ତ୍ୱର ପ୍ରଭାବକୁ ଅନୁକୂଳ କରିବା ସହିତ ଦିଗ ନିର୍ଦ୍ଧାରଣରେ ଉତ୍ତର ଧ୍ରୁବରୁ ଆସୁଥିବା ଚୁମ୍ବକୀୟ ପ୍ରବାହ ଏବଂ ପୂର୍ବ ଦିଗରୁ ଆସୁଥିବା ସୂର୍ଯ୍ୟରଶ୍ମୀକୁ ଗୃହ ଭିତରେ ଠୁଳ କରି ତହିଁରୁ ସୁଫଳ ପାଇବାର କଳା -କୌଶଳ ମଧ ଏହି ଶାସ୍ତ୍ରରେ ନିହିତ ଅଛି। ଏପରି ଭାବେ ଭବନ ନିର୍ମାଣ କରାଯାଏ, ଯେପରି ଚୁମ୍ବକୀୟ ଶକ୍ତି ଉତ୍ତର ଧ୍ରୁବରୁ ଦକ୍ଷିଣ ଦିଗକୁ ପ୍ରବାହିତ ହେବ। ବାସ୍ତୁଶାସ୍ତ୍ରର ସିଦ୍ଧାନ୍ତ ଅନୁସାରେ ସମସ୍ତ ଭାରୀ ବସ୍ତୁ ଭବନର ପଶ୍ଚିମ ଦିଗରେ ରଖିବା ବିଧେୟ।

# କଳା ଅଙ୍ଗୁର

*ପନିପରିବା ଏବଂ ଫଳ ଖାଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ । କଳା ଅଙ୍ଗୁରକୁ ସବୁଠାରୁ ଅଧିକ ପସନ୍ଦ କରାଯାଇଥାଏ । ଅନେକ ସମୟରେ ମନରେ ପ୍ରଶ୍ନ ଆସେ କଳା ଅଙ୍ଗୁର ଏବଂ ସବୁଜ ଅଙ୍ଗୁର ମଧ୍ୟରୁ କେଉଁ ଅଙ୍ଗୁର ସବୁଠାରୁ ଅଧିକ ଲାଭଦାୟକ ହୋଇଥାଏ । ଗୁଣ ଅନୁସାରେ ଦୁଇଟିଯାକ ଲାଭଦାୟକ କିନ୍ତୁ କଳା ଅଙ୍ଗୁର ସ୍ୱାସ୍ଥ୍ୟ ସହ ଚର୍ମ ପାଇଁ ମଧ ଉତ୍ତମ ହୋଇଥାଏ ।*



କଳା ଅଙ୍ଗୁର ଖାଇବା ଦ୍ୱାରା ମଧୁମେହ ରୋଗ ଭଲ ହୋଇଥାଏ । ଏହି ଅଙ୍ଗୁରରେ ରେସଭେରାଟ୍ରଲ୍ ନାମକ ଏକ ପଦାର୍ଥ ରହିଥାଏ ଯାହା ରକ୍ତରେ ଇନସୁଲିନ୍ ବଢ଼ାଇଥାଏ । ଏହି ଉପାୟରେ ସୁଗାର୍‌ର ସନ୍ତୁଳନ ଠିକ୍ ରହିଥାଏ । ଏହା ଶରୀରରେ ରକ୍ତ ପ୍ରବାହକୁ ବଢ଼ାଇଥାଏ । ଏଥିପାଇଁ ରକ୍ତଚାପ ସମସ୍ୟା ମଧ ରହିନଥାଏ । କଳା ଅଙ୍ଗୁରରେ ଥିବା ସାଇଟୋକେମିକଲ୍ସ ହୃତପିଣ୍ଡକୁ ସୁସ୍ଥ ରଖିଥାଏ । ଏହା ଶରୀରରେ କୋଲେଷ୍ଟ୍ରଲର ମାତ୍ରା ମଧ ନିୟନ୍ତ୍ରଣରେ ରଖିଥାଏ । ରେସଭେରାଟ୍ରଲ ତତ୍ତ୍ୱ ବ୍ୟାକ୍ଟେରିଆ ଏବଂ ଫଙ୍ଗସକୁ ନଷ୍ଟ କରିଥାଏ । ଯାହାକି ଶରୀରରେ କୌଣସି ପ୍ରକାରର ସଂକ୍ରମଣ ସୃଷ୍ଟି କରିପାରେ । ଏହା ପୋଲିଓ ଏବଂ ହର୍ପ୍ସ ଭଳି ରୋଗ ସହ ଲଢ଼ିବାରେ ସାହାଯ୍ୟ କରିଥାଏ କାରଣ କଳା ଅଙ୍ଗୁରରେ ଭାଇରସ୍ ସହ ଲଢ଼ିବାର କ୍ଷମତା ରହିଥାଏ । କଳା ଅଙ୍ଗୁର ଚର୍ମକୁ ଲୋଉକୋଉ ହେବାରୁ ଦୂରରେ ରଖିଥାଏ ଚର୍ମକୁ ଉଜ୍ଜ୍ୱଳ ରଖିଥାଏ । ଏହାକୁ କ୍ରମାଗତ ଭାବରେ ଖାଇବା ଦ୍ୱାରା ତ୍ୱଚା ଉଜ୍ଜ୍ୱଳ ହୋଇଥାଏ । ଏଥିରେ ଥିବା ଭିଟାମିନ୍-ସି ଚର୍ମ ସେଲକୁ ସୁସ୍ଥ ରଖିଥାଏ । ଏଥିରେ ଥିବା ଭିଟାମିନ୍-ଇ ରୁପି, କେଶ ଝଡ଼ିବା ବା ଧଳା ହେବାର ସମସ୍ୟା ଦୂର କରିଥାଏ । ମସ୍ତିସ୍କର ଚର୍ମ ଶକ୍ତ ହୋଇଥାଏ ଯାହା ଫଳରେ କେଶ ଘନ, ନରମ ଏବଂ ମଜଭୁତ ହୋଇଥାଏ । ମାଇଗ୍ରେନ(ଅଧକପାଳୀ) ସମସ୍ୟା ଥିବା ଲୋକ କଳା ଅଙ୍ଗୁର ରସ ପିଇବା ଅତ୍ୟନ୍ତ ଲାଭଦାୟକ ହୋଇଥାଏ କିଛି ଦିନ କଳା ଅଙ୍ଗୁର ରସ ପିଇବା ଦ୍ୱାରା ଏହି ସମସ୍ୟାରୁ ମୁକ୍ତି ମିଳିଥାଏ ।

# ପରୋପକାରାୟ



ପୁଣ୍ୟ ଅର୍ଜନ କରିବା ଲାଗି ଲୋକମାନେ ଭିନ୍ନ ଭିନ୍ନ ପନ୍ଥା ଆପଣାଇଥାନ୍ତି । ମନ୍ଦିରରେ ସୁନାର ମୁକୁଟ ଅର୍ପଣ କରିଥାନ୍ତି। କିମ୍ବା ମନ୍ଦିରକୁ ମୋଟା ଅଙ୍କର ଦାନ ଦେଇଥାନ୍ତି । କେବେ କେବେ ଗରିବ ଲୋକଙ୍କୁ ଭୋଜନ ଦେଇଥାନ୍ତି । ଏହାବ୍ୟତୀତ ହୋମ କରାଇବା, କନ୍ୟାଦାନ କରିବା ଏବଂ ବେସାହାରା ଲୋକମାନଙ୍କୁ ସାହାଯ୍ୟ କରିଥାନ୍ତି । ଦ୍ୱାପର ଯୁଗର କଥା ମହର୍ଷି ବେଦବ୍ୟାସ ପୁରାଣ ରଚନା କରୁଥାନ୍ତି । ଏହି ସମୟରେ ପୁରାଣର ଅଧ୍ୟୟନ କରି ଏହାର ପ୍ରଚାରପ୍ରସାର ଲାଗି ସେ ଦେବର୍ଷି ନାରଦଙ୍କୁ କହିଲେ । ନାରଦ କହିଲେ ଯେ ଦୀର୍ଘ ସମୟ ପର୍ଯ୍ୟନ୍ତ ବସି ପୁରାଣ ପଢ଼ିବା ମୋର କ୍ଷମତା ଠାରୁ ବାହାରେ । ତେଣୁ ସଂକ୍ଷେପରେ ପୁରାଣର ସାର ମୋତେ କୁହନ୍ତୁ । ଏହାଶୁଣି ବ୍ୟାସଦେବ କହିଲେ, "ଅଷ୍ଟାଦଶ ପୁରାଣେଶୁ ବ୍ୟାସସ୍ୟବଚନଦ୍ୱୟମ୍ । ପରୋପକାରାୟ ପୁଣ୍ୟାୟ ପାପାୟପରପୀଡ଼ନମ୍ ।।" ଅର୍ଥାତ୍ ସମସ୍ତ ପୁରାଣର ସାର ଏହା ଯେ ଅନ୍ୟକୁ କଷ୍ଟ ପହଞ୍ଚାଇବା ସବୁଠୁ ବଡ଼ ପାପ । ଆବଶ୍ୟକତା ପଡ଼ିଲେ ଅନ୍ୟକୁ ସାହାଯ୍ୟ କରିବା ହେଉଛି ସବୁଠୁ ବଡ଼ ପୁଣ୍ୟ। ପରୋପକାରୀ ମନୁଷ୍ୟଙ୍କୁ ତିନି ଲୋକରେ ସମ୍ମାନ ମିଳିଥାଏ । ପରୋପକାର କରିବା ଉଦ୍ଦେଶ୍ୟରେ ନଦୀ ପ୍ରବାହିତ ହୋଇଥାଏ। ବୃକ୍ଷ ଫଳ, ଫୁଲ ଓ ଛାଇ ପ୍ରଦାନ କରିଥାଏ । ଚନ୍ଦ୍ରମା ଶୀତଳତା, ସମୁଦ୍ର ବର୍ଷା, ଗାଈ ଦୁଗ୍ଧ, ବାୟୁ ପ୍ରାଣ ଶକ୍ତି ପ୍ରଦାନ କରିଥାନ୍ତି । ପୁରାଣରେ ବର୍ଣ୍ଣିତ ଅଛି ଯେ ପରୋପକାର ନିମନ୍ତେ ରାଜା ରନ୍ତିଦେବଙ୍କୁ ୪୦ ଦିନ ପର୍ଯ୍ୟନ୍ତ ଭୋକିଲା ରହିବାକୁ ପଡ଼ିଥିଲା। ଏହାପରେ ତାଙ୍କୁ ଭୋଜନ ମିଳିଥିଲା। ହେଲେ ଏହି ଭୋଜନ ସେ ତାଙ୍କ ନିକଟରେ ଅତିଥି ହୋଇଥିବା ଜଣେ ଭୋକିଲା ଲୋକକୁ ଦେଇଥିଲେ। ଠିକ୍ ସେହିପରି ଋଷି ଦଧୀଚି ଦେବତାମାନଙ୍କ ରକ୍ଷା ନିମନ୍ତେ ନିଜ ଅସ୍ଥି ପ୍ରଦାନ କରିଥିଲେ । ଯାହାଦ୍ୱାରା ଇନ୍ଦ୍ର ବଜ୍ର ନିର୍ମାଣ କରିଥିଲେ । ପରୋପକାର ନିମନ୍ତେ ଭଗବାନ ଶିବ ସମୁଦ୍ର ମନ୍ଥନରୁ ବାହାରିଥିବା ବିଷ ପାନ କରିଥିଲେ। କର୍ଣ୍ଣ ନିଜ କବଚ-କୁଣ୍ଡଳ ଯାଚକ ରୂପରେ ଆସିଥିବା ଇନ୍ଦ୍ରଙ୍କୁ ପ୍ରଦାନ କରିଦେଇଥିଲେ । ରାଜା ଶିବି ତାଙ୍କ ଶରଣକୁ ଆସିଥିବା ପାରା ପାଇଁ ନିଜ ଶରୀର ମାଂସ ପ୍ରଦାନ କରିଦେଇଥିଲେ । ଯୀଶୁଖ୍ରୀଷ୍ଟ ଫାଶୀରେ ଚଢ଼ି ଯାଇଥିଲେ ଏବଂ ସୁକରାଟ୍ ଲୋକ କଲ୍ୟାଣ ନିମନ୍ତେ ବିଷ ପିଇଦେଇଥିଲେ । ଶିଖ୍ ମାନଙ୍କ ଧର୍ମ ଗୁରୁ ନାନକ ଦେବ ବ୍ୟବସାୟ ନିମନ୍ତେ ମିଳିଥିବା ସମ୍ପତ୍ତି ସାଧୁସନ୍ଥମାନଙ୍କ ଭୋଜନ ପାଇଁ ଖର୍ଚ୍ଚ କରି ଅନନ୍ୟ ଉଦାହରଣ ପ୍ରତିଷ୍ଠା କରିଥିଲେ । ଏପରି ଅନେକ ଉଦାହରଣ କରି, ଯାହା କହିଥାଏ ଯେ ପରୋପକାର ଠାରୁ ବଡ଼ ପୁଣ୍ୟ ଆଉ ନାହିଁ ।

*ପରୋପକାର ନିମନ୍ତେ ଭଗବାନ ଶିବ ସମୁଦ୍ର ମନ୍ଥନରୁ ବାହାରିଥିବା ବିଷ ପାନ କରିଥିଲେ। କର୍ଣ୍ଣ ନିଜ କବଚ-କୁଣ୍ଡଳ ଯାଚକ ରୂପରେ ଆସିଥିବା ଇନ୍ଦ୍ରଙ୍କୁ ପ୍ରଦାନ କରିଦେଇଥିଲେ ।*

# ପ୍ରକୃତ ଧର୍ମ



ବାରାଣସୀର ଗଙ୍ଗା ନଦୀ କୂଳରେ ଜଣେ ଗୁରୁଜୀ ରହୁଥିଲେ। ତାଙ୍କର ଅନେକ ଶିଷ୍ୟ ଥିଲେ। ଶିକ୍ଷା ଶେଷ ହେବା ପରେ ଗୁରୁଦେବ କିଛି ଶିଷ୍ୟଙ୍କୁ ଆଶୀର୍ବାଦ ଦେଇ ବିଦାୟ କରିବାକୁ ବାହାରିଲେ । ସକାଳୁ ଗଙ୍ଗା ସ୍ନାନ କରିବା ପରେ ଗୁରୁଦେବ ଏବଂ ତାଙ୍କର ଶିଷ୍ୟମାନେ ପୂଜା କରିବାକୁ ବସିଗଲେ । ସମସ୍ତେ ଧ୍ୟାନ କରୁଥିବା ସମୟରେ ଜଣେ ଶିଶୁର ସ୍ୱର ଶୁଭିଲା। ସେ ସାହାଯ୍ୟ ପାଇଁ ଡାକୁଥିଲା। ଏହି ସମୟରେ ଜଣେ ଶିଷ୍ୟ ନିଜ ଜୀବନକୁ ବାଜି ଲଗାଇ ନଦୀ ଗର୍ଭକୁ ଡେଇଁ ପଡ଼ିଲା। ସେ କୌଣସି ପ୍ରକାରେ ଉକ୍ତ ଶିଶୁକୁ ବଞ୍ଚାଇ ନଦୀ କୂଳକୁ ନେଇ ଆସିଲା । ସେପର୍ଯ୍ୟନ୍ତ ସବୁ ଶିଷ୍ୟ ଧ୍ୟାନ ମଗ୍ନ ଥାଆନ୍ତି । କିନ୍ତୁ ଗୁରୁଦେବ ସମସ୍ତ ଘଟଣାକ୍ରମକୁ ନିଜ ଆଖିରେ ଦେଖୁଥିଲେ । ଏଥର ଗୁରୁଦେବ ସମସ୍ତଙ୍କୁ କହିଲେ, ଜଣେ କାନ୍ଦୁଥିବା ଶିଶୁର ଡାକ ଶୁଣି ତୁମମାନଙ୍କର ଜଣେ ଶିଷ୍ୟ ତା'କୁ ବଞ୍ଚାଇବା ଲାଗି ନଦୀକୁ ଡେଇଁ ପଡ଼ିଲା। ଶିଷ୍ୟମାନେ କହିଲେ, ସେ ପୂଜା ସ୍ଥଳରୁ ଉଠିଯାଇ ଅଧର୍ମ କରିଛି । ଏହାଶୁଣି ଗୁରୁଦେବ କହିଲେ, ଅଧର୍ମ ସେ ନୁହେଁ, ତୁମେ ମାନେ କରିଛ । ତୁମେ ବୁଡ଼ିଯାଉଥିବା ଏକ ଶିଶୁର ଡାକ ଶୁଣିପାରିଲ ନାହିଁ । ପୂଜା-ପାଠ, ଧର୍ମ-କର୍ମର ଉଦ୍ଦେଶ୍ୟ ହେଉଛି ପ୍ରାଣୀମାନଙ୍କର ରକ୍ଷା କରିବା । ତୁମେ ଆଶ୍ରମରେ ଧର୍ମ ଶାସ୍ତ୍ର, ବ୍ୟାକରଣ, ଧର୍ମ-କର୍ମ ଆଦିରେ ପାରଙ୍ଗମ ହେଲ, କିନ୍ତୁ ଧର୍ମର ମର୍ମ ଏଯାଏଁ ବୁଝିପାରିଲ ନାହିଁ । ପରୋପକାର ଏବଂ ସଂକଟରେ ପଡ଼ିଥିବା ପ୍ରାଣୀର ଉଦ୍ଧାର ଠାରୁ ବଡ଼ ଧର୍ମ ଆଉ ନାହିଁ ।

# ଆଳୁ ଚାଷ ପ୍ରତି ମହିଳା ଚାଷୀଙ୍କ ଆଗ୍ରହ ବଢୁଛି

ପାଟଣା ୨୩/୧୨ (ନି.ପ୍ର): ରାଜ୍ୟରେ ଆଳୁ ସଙ୍କଟ ଦେଖାଦେଇଥିବାବେଳେ ଆଳୁ ଦର ହୁ ହୁ ହୋଇ ବଢି ଚାଲିଛି । ରାଜ୍ୟ ସରକାର ଙ୍କୁ କେତେବେଳେ ପଶ୍ଚିମବଙ୍ଗ ତ କେତେବେଳେ ଉତ୍ତରପ୍ରଦେଶ ଉପରେ ନିର୍ଭର କରିବାକୁ ପଡୁଛି । ରାଜ୍ୟରେ ଆଳୁ ସଙ୍କଟ ଦୂର କରିବା ପାଇଁ ରାଜ୍ୟ ସରକାର ଷ୍ଟେଟ ପ୍ଲାନରେ ସବ୍ ?ସିଡ ଦରରେ କିଲୋ ପ୍ରତି ୧୦ ଟଙ୍କା ଦରରେ ଉନ୍ନତମାନର ଆଳୁ ବିହନ ଯୋଗାଇଛନ୍ତି । ଅଧିକ ଅମଳକ୍ଷମ କୁଫ୍ରି ଜ୍ୟୋତି ଓ କୁଫ୍ରି ପୋଖରାଜ ଆଳୁ ବିହନ ଓଡିଶା ରାଜ୍ୟ ବହିନ ନିଗମ ମାଧ୍ୟମରେ ଅଣାଯାଇ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଛି । ଚଳିତ ବର୍ଷ ଆଳୁ ଚାଷ କରିବା ପାଇଁ କେନ୍ଦୁଝର ଜିଲ୍ଲାରେ ୭୫୦୦ କ୍ୱିଣ୍ଟାଲ ଆଳୁ ବିହନ ଯୋଗାଣ କରାଯାଇଛି । ଚାଷୀଙ୍କୁ ସର୍ବନିମ୍ନ ୨୫ ଡିସିମିଲ ପାଇଁ ୧୩୦ କେଜି ବିହନ ଏବଂ ସର୍ବାଧିକ ୫୦ ଡିସିମିଲ ପାଇଁ ୨୬୦ କେଜି ଆଳୁ ବିହନ ଯୋଗାଇ ଦିଆଯାଇଛି । ଧାନ ଚାଷ ପରେ ଚାଷୀମାନେ ବିଭିନ୍ନ ଋତୁକାଳୀନ ପନପରିବା ଲଗାଇବା ସହ ଆଳୁ ଚାଷ କରିଛନ୍ତି । ବଜାରରେ ଆଳୁର ଚାହିଦା ତଥା ଚାଷ ପାଇଁ ଉପଯୋଗୀ ଜମି ଥିବାରୁ ଏହି ଚାଷ କରି ଦୁଇ ପଇସା ରୋଜଗାର କରିବାକୁ ସେମାନେ ଆଶା ରଖିଛନ୍ତି । ଜିଲ୍ଲାରେ ଚଳିତ ବର୍ଷ ୫୭୫ ହେକ୍ଟର ଜମିରେ ରବି ଋତୁରେ ଆଳୁ ଚାଷ ହୋଇଛି । ଉଦ୍ୟାନ କୃଷି ବିଭାଗ ପକ୍ଷରୁ ସବ୍‌ସିଡ ଦରରେ ଚାଷି ମାନଙ୍କୁ ଆଳୁ ବିହନ ଯୋଗାଇ ଦିଆଯାଇଛି । ଅମଳ ପରେ ଚାଷୀ ଯେପରି ପ୍ରକୃତ ମୂଲ୍ୟ ପାଇ ପାରିବ ସେ ନେଇ ବ୍ୟବସ୍ଥା କରାଯିବ ବୋଲି ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ସୌମେନ୍ଦ୍ର ନାରାୟଣ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ଚାଷୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ କ୍ଲଷ୍ଟରରୁ ଶୀତଳ ଭଣ୍ଡାର ରେ ପର୍ଯ୍ୟନ୍ତ ଆଣିବାକୁ ପରିବହନ ଦର ଅଧା ସରକାର ବହନ କରିବେ ଏବଂ ଶୀତଳଭଣ୍ଡାରେ ଆଳୁ ସଂରକ୍ଷଣ କରାଯିବା ବାବଦ ଖର୍ଚ୍ଚ ମଧ୍ୟ ସରକାର ଅଧା ବହନ କରିବେ । ସେହିପରି ଶୀତଳଭଣ୍ଡାରର ବିଦ୍ୟୁତ୍ ଖର୍ଚ୍ଚର ୫୦ ପ୍ରତିଶତ ବିଲ ସରକାର ବିହନ କରିବେ ବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି । ସାହାରପଡା ବ୍ଲକ ରାଇଡିହା ଗ୍ରାମ ପଂଚାୟତ ଅନ୍ତର୍ଗତ ଶିଆଳିଯୋଡା ଗ୍ରାମର ହେମଲତା ମହାନ୍ତ, ପଦ୍ମାବତି ମହାନ୍ତ, ମହ୍ଲରପଦା ଗ୍ରାମ ପଂଚାୟତର ଖୁଣ୍ଟାପିଙ୍ଗୁ ଗ୍ରାମର ମୀନା ମହାନ୍ତ, ଦିଗିପଶି ଗ୍ରାମ ପଂଚାୟତର ଚୁଆପାଣି ଗ୍ରାମର ରମେଶ ଚନ୍ଦ୍ର ମହାନ୍ତ ବିହନ ନେଇ ଆଳୁ ଚାଷ କରିଛନ୍ତି । ଏ ବର୍ଷ ଭଲ ଆଳୁ ଚାଷ ହେବ ବୋଲି ସେମାନେ କହିଛନ୍ତି ।ସେହିପରି ପାଟଣା ବ୍ଲକ ବଡ଼ ପାଟଣା ପଞ୍ଚାୟତ ର ପୂର୍ବତନ ସରପଞ୍ଚ ତଥା ଜିଲ୍ଲା ବିଜେପି ସମ୍ପାଦିକା ସୋମବାରୀ ମୁଣ୍ଡା ତାଙ୍କ ନିଜ ହାତ ରେ ନିଜ ଜମି ରେ ଆଳୁ ଚାଷ କରିଥିବା ଦେଖାଯାଇଛି ।



## ଗ୍ରାଉଣ୍ଡ ଜିରୋରେ ମନ୍ତ୍ରୀ ବିଭୁତି ଜେନା



ରଙ୍ଗେଇଲୁଣ୍ଡା ୨୩/୧୨ (ନି.ପ୍ର): ଲଘୁଚାପ ଜନିତ ଅଦିନିଆ ବର୍ଷା ରଙ୍ଗେଇଲୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ରେ ଚାଷ କ୍ଷେତ ଉଜୁଡ଼ିଯାଇଛି। ଫଳରେ ଚାଷୀ ଅନେକ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହିକ୍ରମରେ ରାଜ୍ୟ ସରକାରଙ୍କ ପରିବହନ ଖଣି ଓ ଇସ୍ପାତ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ବିଭୂତି ଭୂଷଣ ଜେନା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଚାଷୀଙ୍କ ସହିତ ଆଲୋଚନା କରିବା ସହ କ୍ଷତିପୂରଣ ସମ୍ପର୍କରେ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ମଧ୍ୟ ଦେଇଥିବା ଜଣାପଡ଼ିଛି। ଶ୍ରୀ ଜେନା ରବିବାର ଗୋଳନ୍ଥରା, କୁଠାରିସିଙ୍ଗି, ମନ୍ତ୍ରୀଡ଼ି, ଶାସନପଦର, ମେଣ୍ଡରାଜପୁର, କୋଲଥିଗାଁ, ପଦ୍ମପୁର, ଚାନ୍ଦପୁର, ଫୁଲଟା, ବୁରକୁଦି, ଗୋଉଞ୍ଜୁ, ଡୁରା, ବଡ଼ କୁଶସ୍ଥଳି, ସାନ କୁଶସ୍ଥଳି ସମେତ ଅନ୍ୟ ପଞ୍ଚାୟତର ବିଭିନ୍ନ ଗ୍ରମାର ଚାଷ ଜମି ପରଦର୍ଶନ କରିଛନ୍ତି। ଚାଷୀଙ୍କ ସହିତ ଆଲୋଚନା କରି କିଭଳି କ୍ଷତିପୂରଣ ସହିତ ସରକାରୀ ସାହାର୍ଯ୍ୟ ମିଳିବ ସେନେଇ ପ୍ରତିଶ୍ରୁତି ଦେଇଥିଲେ। କନିଷ୍ଠି ତହସିଲଦାର କବିରାଜ ପ୍ରଧାନ, ବ୍ଲକ କୃଷି ଅଧିକାରୀ ସୁଭଶ୍ରୀ ଜେନାଙ୍କୁ ତୁରନ୍ତ ମିଳିତ ରିପୋର୍ଟ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶେ ଦେଇଥିଲେ। ଅନ୍ୟପଟେ ଧାନର ମାନ କୋହଳ କରିବା ନେଇ ଚାଷୀ ମାନେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବର୍ତ୍ତମାନ ଚାଷୀଙ୍କ ଆର୍ôଥିକ ମେରୁଦଣ୍ଡ ଭାଙ୍ଗି ଯାଇଥିବା ବେଳେ କ୍ଷତିପୂରଣ କିଭଳି ମିଳିବ ସେନେଇ ଧ୍ୟାନ ଦେବାକୁ ଚାଷୀଙ୍କ ଅନୁରୋଧକ୍ରମେ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶେ ଦେଇଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବାଲିଭାଗ ଦଣ୍ଡଅଧିକାରୀ ତ୍ରିନାଥ ଗୌଡ଼ଙ୍କ ପରଲୋକ

ବେଲଗୁଣ୍ଠା ୨୩/୧୨ (ନି.ପ୍ର): ବେଲଗୁଣ୍ଠା ବ୍ଲକ ନେଟଙ୍ଗା ପଞ୍ଚାୟତ ଅତର୍ଗତ ବାଲିବାଘ ର ଜଣାଶୁଣା ଦଣ୍ଡ ଅଧିକାରୀ ତଥା ବରିଷ୍ଠ ବିଜେଡି ନେତା ତ୍ରିନାଥ ଗୌଡ଼ ୮୮ ବୟସ ରେ ଆଜି ପରଲୋକ ଘଟିଛି । ସେ ବାଲିବାଘ ଦଣ୍ଡ କମିଟି ମୁଖ୍ୟ ପରିଚାଳନା ଅଧିକାରୀ , ଗ୍ରାମ ସଭାପତି, ବିଦ୍ୟାଳୟ ସଭାପତି, ଗୌଡ଼ ସମାଜ ର ପରିଚାଳନା ସଭ୍ୟ ପରି ଅଂଚଳ ର ବହୁ ଗୁରୁ ଦାୟିତ୍ୱ ନେଇଥିଲେ କ୍ଷ ଆଜି ସକାଳ ୧୨ ଘଣ୍ଟା ସମୟରେ ନିଜ ବାସଗୃହ ଠାରେ ମୃତୁ ଘଟିଥିବା ବେଳେ ମୁତ୍ୟୁ ସମୟ ରେ ପୁଅ ସୂର୍ଯ୍ୟନାରାୟଣ , ଚନ୍ଦ୍ରମଣି, ପ୍ରମୋଦ, କେଦାର ଝିଅ, ଜୌଇ, ନାତିନାତୁଣୀ ଉପସ୍ଥିତ ଥିଲେ। ବଡପୁଅ ସୂର୍ଯ୍ୟ ନାରାୟଣ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଗୌଡ଼ ନେଟଙ୍ଗା ପଂଚାୟତ ର ୩ ଥର ଅପ୍ରତିଦ୍ୱନ୍ଦି ୱାର୍ଡ ସଭ୍ୟ ସହ ବିଜେଡି ଆଗଧାଡିର ସଭ୍ୟ ଥିଲେ। ତାଙ୍କ ର ମୃତ୍ୟୁ ଖବର ପାଇବା ପରେ ସରପଞ୍ଚ ସୁପ୍ରଭା ଗୌଡ଼, ସମିତିସଭ୍ୟ ରାଜୀବଲୋଚନ ନାୟକ, ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ଲେଙ୍କା, ପୂର୍ବତନ ସମିତି ସଭ୍ୟ ଦେବେନ୍ଦ୍ର ଗୌଡ଼, ପୂର୍ବତନ ଜିଲ୍ଲାପରିଷଦ ପ୍ରତିନିଧି ନିକୁଞ୍ଜ ଖଣ୍ଡୁଆଳ,ପଂଚାୟତ ବିଜେଡି ସଭାପତି ସୁକାନ୍ତ ଲେଙ୍କା, ସମେତ ଅଂଚଳ ବହୁ ରାଜନେତା ଯୋଗଦେଇ ଶେଷ ଦର୍ଶନ କରିଥିଲେ। ମୃତ ଶରୀର କୁ ବିରାଟ ପଟୁଆର ରେ ଗାଁ ପରିକ୍ରମା କରି ଗ୍ରାମ ଶ୍ମସାନରେ ଅନ୍ତିମ ସଂସାର କରାଯାଇଥିଲା। ଶ୍ରୀ ଗୌଡ଼ ଜଣେ ମେଳାପୀ, ମିଷ୍ଟଭାସି, ସମାଜସେବୀ, ଦୃଢ ସଂଗଠକ ଥିବାରୁ ତାଙ୍କର ବିୟୋଗରେ ଅଂଚଳରେ ଶୋକର ଛାୟା ଖେଳିଥିବା ଦେଖିବାକୁ ମିଳିଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ବାର୍ଷିକ ଉତ୍ସବ

ପାଟଣା ୨୩/୧୨ (ନି.ପ୍ର): ପାଟଣା ମୁଖ୍ୟାଳୟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବୈତରଣୀ ବିହାର ସ୍ୱାମ ପାଟଣା ର ୨୮ ତମ ବାର୍ଷିକ ଉତ୍ସବ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଶୁଶୁ ବିଦ୍ୟା ମନ୍ଦିର ର ସଭାପତି ଅରବିନ୍ଦ ଦାଶ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ,ସମ୍ମାନୀତ ଅତିଥି ଭାବେ ପାଟଣା ବ୍ଲକ ସହ ଶିକ୍ଷାଅଧିକାରୀ ସଚ୍ଚିଦାନନ୍ଦ ସେଠୀ, ମୁଖ୍ୟ ବକ୍ତା ଭାବେ ତୁରୁମୁଙ୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅବସର ପ୍ରାପ୍ତ ପ୍ରାଧାପକ ଡକ୍ଟର କୁଳମଣି ପ୍ରଧାନ,ପରିଚାଳନା କମିଟିର ସମ୍ପାଦକ ଡମ୍ବରୁଧର ମହାନ୍ତ, ଉପସଭାପତି ମଦନ ମୋହନ ମହାନ୍ତ ପ୍ରମୁଖ ମଞ୍ଚାଷିନ ଥିଲେ।ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କର କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟ ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ଡମ୍ବରୁ ଧର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଡକ୍ଟର ପ୍ରଧାନ ଛାତ୍ରଛାତ୍ରୀ ମାନଙ୍କୁ କିପରି ଉତ୍ତମ ନାଗରିକ ହୋଇ ସମାଜର ଜଣେ ଭଲ ନାଗରିକ ହୋଇ ପାରିବେ ଓ ନିଜକୁ ଆଦର୍ଶ ନାଗରିକ ଭାବେ ଗଢିତୋଳିବା ପାଇଁ ମାର୍ଗ ଦର୍ଶନ ପ୍ରଦାନ କରିଥିଲେ ।ଏହି ଉତ୍ସବରେ ସମାଜ ପାଇଁ ବିଶେଷ ଅବଦାନ ନିମନ୍ତେ ସମାଜସେବୀ ତଥା ପାଟଣା ସାମ୍ବାଦିକ ସଙ୍ଘ ର ସମ୍ପାଦକ ବିଜୟ ରତ୍ନ ପତି,ବ୍ଲକ ସହ ଶିକ୍ଷାଅଧିକାରୀ ସଚ୍ଚିଦାନନ୍ଦ ସେଠୀ, ସମାଜ ସେବୀ ଶିବନାରାୟଣ ମିଶ୍ର, ସମାଜସେବୀ ଦୁର୍ଗା ଚରଣ ନାୟକ ପ୍ରମୁଖ ଙ୍କୁ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ନାଏକ ସମ୍ବର୍ଦ୍ଧିତ କରିଥିଲେ ।ଶିଶୁମନ୍ଦିରର ଗୌରବ ବିଦ୍ୟାଳୟ ର ପୁରାତନ ଛାତ୍ର ଗତବର୍ଷ ବୋର୍ଡ ପରୀକ୍ଷାରେ ବ୍ଲକରେ ସର୍ବୋଚ୍ଚ ନମ୍ବର ରଖିବା ଛାତ୍ର ଦିବ୍ୟ ପ୍ରସାଦ ତ୍ରିପାଠୀ ଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନୀତ କରାଯାଇଥିଲା ।ଦିବ୍ୟ ପ୍ରସାଦ ଙ୍କ ଅନୁସପସ୍ଥିତିରେ ତାଙ୍କର ଜେଜେ ବାପା ତରୁଣ କୁମାର ତ୍ରିପାଠୀ ପୁରସ୍କାର ଗ୍ରହଣ କରିଥିଲେ ।ଏହି ବାର୍ଷିକ ଉତ୍ସବରେ ଶିଶୁମନ୍ଦିରର ବିଭିନ୍ନ ଖେଳ କୁଦ ପ୍ରତିଯୋଗିତା ଏବଂ ବୃତ୍ତି ପରୀକ୍ଷାରେ ସଫଳ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଛାତ୍ରଛାତ୍ରୀ ମାନଙ୍କ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଚିଲିକାରାଣୀ ମଧ ଇଂରାଜୀ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ

ବାଲୁଗାଁ ୨୩/୧୨ (ନି.ପ୍ର): ଚିଲିକା ରାଣୀ ମଧ ଇଂରାଜୀ ବିଦ୍ୟାଳୟ ବାଲୁଗାଁରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୫ ଦିନ ଧରି ବିଦ୍ୟାଳୟରେ କ୍ରୀଡା ଉତ୍ସବ ପାଳିତ ହୋଇଛି ।ପ୍ରଥମ ଦିବସରେ ମୁଖ୍ୟ ଅତିଥି ଅବସର ପ୍ରାପ୍ତ କ୍ରୀଡା ଅଧାପକ ବୈରାଗୀ ଚରଣ ବଳ, ପରିଚାଳନା ସମିତିର ସଭାପତି କିରଣ କୁମାର ପାତ୍ର, ଅଧ୍ୟକ୍ଷ ନୀଳାଦ୍ରି ଭୂଷଣ ବେହେରା, ଉପାଧ୍ୟକ୍ଷ ମନୋରଞ୍ଜନ ମିଶ୍ର ଓ କ୍ରୀଡା ଶିକ୍ଷକ ବିଭୁ ସାମନ୍ତରାୟ କ୍ରୀଡା ପତାକା ଉତ୍ତୋଳନ ପୂର୍ବକ, ଶିଶୁ ମାନଙ୍କୁ କ୍ରୀଡାର ମହତ୍ ଉଦ୍ଦେଶ୍ୟ ବିଷୟରେ ଆଲୋକ ପାତ କରିଥିଲେ। ରବିନାରାୟଣ ପଣ୍ଡା, ଦେବାଶିଷ ମହାପାତ୍ର ଓ ସୁନୀତା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। କବାଡି, ଭଲି, କ୍ରିକେଟ, ଖୋ ଖୋ, ଦୌଡ଼, ଚେସ,ବ୍ୟାଡମିଣ୍ଟନ ଓ ଲଂଗ ଜମ୍ପ, ଡିସ୍କସ ଥ୍ରୋ, ସଟ ପୁଟ ଇତ୍ୟାଦି କ୍ରୀଡା ପରିଯୋଗିତା ହୋଇଥିଲା। କ୍ରୀଡାରେ ସଞ୍ଜୟ କୁମାର ପଲାଇ, ଦୀପକ କୁମାର ସାହୁ, ଧିରେନ୍ କୁମାର ପ୍ରଧାନ, ସନ୍ତୋଷ ମଙ୍ଗରାଜ ଓ ଅନ୍ୟ ଶିକ୍ଷକ ମାନେ ସହଯୋଗ କରିଥିଲେ। ଉଦଯାପନୀ ଦିବସରେ ବାଲୁଗାଁ ବାନ ଖଣ୍ଡ ଅଧିକାରୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣ ପାତ୍ର ସହ ଟ୍ରଫି ପ୍ରଦାନ କରିଥିଲେ।

## ବିଦ୍ୟାବାଟିକା ରେ କାର୍ଯ୍ୟକ୍ରମ ଦିବସ

ପାଟଣା ୨୩/୧୨ (ନି.ପ୍ର): ଘଟଗାଁ ବ୍ଲକ ଅନ୍ତର୍ଗତ ପିପିଳିଆ ସ୍ଥିତ ରବିବାର ଶ୍ରୀ ବିଦ୍ୟା ବାଟିକା ଶିକ୍ଷାୟତନ ପରିସରରେ କୁନି କୁନି ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଦ୍ୟାଳୟ ରେ କାର୍ଯ୍ୟକ୍ରମ ଦିବସ ପାଳନ କରାଯାଇଛି। ବିଦ୍ୟାଳୟ ରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଖ୍ରୀଷ୍ଟମାସ ଦିବସ ଏବଂ ନୂତନ ବର୍ଷ ପାଳନ କରାଯାଇଛିକ୍ଷ ବିଦ୍ୟାଳୟ ର ଶିକ୍ଷକ ଏବଂ ଶିକ୍ଷୟତ୍ରୀ ବିଭନ୍ନ ମାଧ୍ୟମରେ କାର୍ଯ୍ୟକ୍ରମ ଗୁଡ଼ିକୁ ଉପସ୍ଥାପନ କରିଥିଲେ ଏବଂ ପିଲାମାନେ ବହୁତ୍ ସୁନ୍ଦର ଭାବରେ କାର୍ଯ୍ୟକ୍ରମ ଗୁଡ଼ିକୁ ପରିବେଷଣ କରିଥିଲେ ।ଏଥିରେ ମୋଟ ୧୧୦ ଜଣ ଛାତ୍ର ଛାତ୍ରୀ ଭାଗ ନେଇ ବିଭିନ୍ନ ପ୍ରକାର ଖେଳ ଓ କାର୍ଯ କଳାପ କୁ ଉପଭୋଗ କରୁଥିଲେ ।ବିଦ୍ୟାଳୟ ର ଗୁପ୍ତାଞ୍ଜଳି ନାୟକ ,ସୁଭସ୍ମିତା ପରିଡ଼ା , ଦେବସ୍ମିତା ସଏ ଓ ମିନତି ଆଟୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପିପୁଲସ ହାଇ ସ୍କୁଲ ୧୯୯୨ ବ୍ୟାଚ ଛାତ୍ରଙ୍କ ବନ୍ଧୁ ମିଳନ



ବୁଗୁଡ଼ା ୨୩/୧୨ (ନି.ପ୍ର): ବୁଗୁଡାର ନିକଟସ୍ଥ ପ୍ରସିଦ୍ଧ ଶୈବପୀଠ ତଥା ପର୍ଯ୍ୟଟନ କ୍ଷେତ୍ର ବୁଦ୍ଧଖୋଲର ପାଦଦେଶରେ ବୁଗୁଡା ପିପୁଲସ ହାଇ ସ୍କୁଲର ୧୯୯୨ ମସିହାର ଦଶମ ଶ୍ରେଣୀ ଛାତ୍ରମାନଙ୍କର ଡିସେମ୍ବର ୨୨ ତାରିଖ ଦିନ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପିପୁଲସ ହାଇ ସ୍କୁଲର ସେହି ସମୟର ଶିକ୍ଷକ ବୃନ୍ଦଙ୍କୁ ପାରମ୍ପରିକ ଢୋଲ ଏବଂ ଶଙ୍ଖ ବାଦ୍ୟ ଦ୍ୱାରା ନିମନ୍ତ୍ରଣ କରି ଗୁରୁପୂଜନ କାରାଯାଇଥିଲା। ଏଥିସହ ସ୍ୱର୍ଗତ ଶିକ୍ଷକମାନଙ୍କ ତୈଳଚିତ୍ରରେ ପୁଷ୍ପ ପ୍ରଦାନ ପୂର୍ବକ ନୀରବ ପ୍ରାର୍ଥନା କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଗୁରୁମାନଙ୍କର ଉପଦେଶ ଗ୍ରହଣ ସହିତ ଗୁରୁଜୀ ମାନଙ୍କୁ ଧନ୍ୟବାଦ ପତ୍ର ପ୍ରଦାନ କରାଯାଇଥିଲା । ତୃତୀୟ ପର୍ଯ୍ୟାୟରେ ଛାତ୍ରମାନେ ନିଜନିଜର ଅନୁଭବ ବକ୍ତବ୍ୟ ରଖିଥିଲେ । ପରିଶେଷରେ ପ୍ରସାଦ ସେବନ ସହିତ ଏହି କାର୍ଯ୍ୟକ୍ରମର ସମାପ୍ତି ହୋଇଥିଲା । କୁଞ୍ଜବିହାରୀ ପ୍ରଧାନ ଓ ଡକ୍ଟର ସ୍ଥିତଧୀ ରଥଙ୍କ ଦ୍ୱାରା କାର୍ଯ୍ୟକ୍ରମର ପରିଚାଳନା କରାଯାଇଥିବା ବେଳେ ଏଥିରେ ଦିଲ୍ଲୀପ ଦାଶ, ଅଜୟ ପାଢ଼ୀ, ଅନ୍ନଦା ପାଢ଼ୀ, ବିଷ୍ଣୁ ସାହୁ, ଶଙ୍କର ସାହୁ ଓ ସାଧୁ ବିଶୋଇ ସହଯୋଗ କରିଥିଲେ । ଏଥିରେ ଭାଗ ନେଇଥିବା ୬୫ ଜଣଙ୍କୁ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା ।

## କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆସିକା ସାଂସଦଙ୍କ ଦାବି



ପୋଲସରା ୨୩/୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲାର ପୋଲସରା ବ୍ଲକ ଅନ୍ତର୍ଗତ ମଥୁରା ପଞ୍ଚାୟତର ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିର ନିକଟରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଆସିକା ସାଂସଦ ଅନୀତା ପ୍ରିୟଦର୍ଶିନୀ ପଟ୍ଟନାୟକ ଦିଲ୍ଲୀରେ ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଙ୍କ ବାସଭବନରେ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦୀର୍ଘ ଦିନ ଧରି କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ବହୁ ଦିନର ଦାବିକୁ ସାଂସଦ ମହୋଦୟାଙ୍କ ପ୍ରୟାସରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଅବଗତ ହୋଇଥିବାରୁ ପୋଲସରାର ବିଭିନ୍ନ ଅନୁଷ୍ଠାନ ଓ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ସ୍ୱାଗତ କରିବା ସହ ଆଗାମୀ ଦିନରେ ମାରଦା ମନ୍ଦିର ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ହେବାର ଆଶା କରିଛନ୍ତି।

## ମିଥ୍ୟା ବିଲ ଅଭିଯୋଗରେ କନିଷ୍ଠ ଯନ୍ତ୍ରୀ ନିଲମ୍ବିତ

ନିଶ୍ଚିନ୍ତକୋଇଲି,୨୩/୧୨ (ନି.ପ୍ର): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକର କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ସେଠୀଙ୍କୁ ପଂଚାୟତରାଜ ଓ ପାନୀୟଜଳ ବିଭାଗର ପକ୍ଷରୁ ନିଲମ୍ବିତ କରାଯାଇଛି । ରାଜ୍ୟ ସରକାରଙ୍କର ଅନୁଦାନ ଅର୍ଥକୁ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଜଣକ ଦୁରୂପଯୋଗ କରିଥିବା ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରେ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗ କ୍ରମେ ପଂଚାୟତରାଜ ବିଭାଗ ଓ କଟକ ଜିଲ୍ଲାର ଅଧିକାରୀ ମାନେ ତଦନ୍ତ କରିଥିଲେ । ଏହି ତଦନ୍ତରେ ନେମାଳ ପଂଚାୟତର ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଚୈତନ୍ୟ ମଠ କମ୍ୟୁନିଟ୍ ସେଣ୍ଟର ନିର୍ମାଣ ପାଇଁ ଦିଆଯାଇଥିବା ୪ଲକ୍ଷ ଟଙ୍କା ଅନୁଦାନରେ କୌଣସି କାର୍ଯ୍ୟ କରାନଯାଇ ମିଥ୍ୟା ବିଲ କରାଯାଇ ଅର୍ଥ ହଡ଼ପ ହୋଇଥିବା ଜଣାପଡ଼ିଥିଲା । ପରବର୍ତ୍ତୀ ସମୟରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଜଣକ ଉକ୍ତ ଅର୍ଥ ରାଶିକୁ ସରକାରୀ ତହବିଲରେ ଜମା କରିଥିଲେ ମଧ୍ୟ ସେ ନିସ୍ତାର ପାଇନଥିଲେ । କଟକ ଜିଲ୍ଲାପାଳଙ୍କ ସୁପାରିଶ କ୍ରମେ ପଂଚାୟତ ବିଭାଗର ପତ୍ର ସଂଖ୍ୟା-୩୦୪୮୯/୨୧.୧୨.୨୦୨୪ରେ ବିଭାଗୀୟ ନିର୍ଦ୍ଦେଶକ ସମ୍ପୃକ୍ତ ଯନ୍ତ୍ରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ନିଲମ୍ବନ ପରେ ସମ୍ପୃକ୍ତ ଯନ୍ତ୍ରୀ ଙ୍କୁ ଦିଆଯାଇଥିବା ବିଭିନ୍ନ ପଂଚାୟତ ଦାୟିତ୍ୱକୁ ତାଙ୍କ ଠାରୁ ଛଡ଼ାଇ ନିଆଯାଇଥିଲା ଓ ତାଙ୍କୁ ଜିଲ୍ଲା ନିର୍ବାହୀ କାର୍ଯ୍ୟାଳୟରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଅପରପକ୍ଷରେ ଏହି ମିଥ୍ୟା ବିଲରେ ଅନ୍ୟ ଯେଉଁମାନେ ସମ୍ପୃକ୍ତ ସେମାନଙ୍କ ବିରୁଦ୍ଧରେ ଜିଲ୍ଲା ପ୍ରଶାସନ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ତାହା ଦେଖିବାକୁ ବାକି ରହିଲା ?

## ମାହାଙ୍ଗା ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶୁଭ ଶିଳାନ୍ୟାସ ଓ ଉଦଘାଟନ



ନିଶ୍ଚିନ୍ତକୋଇଲି,୨୩/୧୨ (ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଅସୁରେଶ୍ୱର ପଂଚାୟତରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଦୁଇ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ଶୁଭ ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି । ପ୍ରଥମେ ଅସୁରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏକ ନୂତନ ଗୃହର ଶୁଭ ଶିଳାନ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡ଼ା ଅମିତ୍ କୁମାର ଜେନା,ଡ଼ାକ୍ତର ରାଜଶ୍ରୀ ପ୍ରଧାନ, ଡ଼ାକ୍ତର ସସ୍ମିତା ବେହେରା,ସମାଜସେବୀ ନିତ୍ୟାନନ୍ଦ ସେଠୀ,ତ୍ରିଲୋଚନ ନାୟକ ଓ ଚନ୍ଦ୍ରଶେଖର ନାୟକ ଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଏହାପରେ କୋଇଲୋ ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିରର ମରାମତି ଓ ଉନ୍ନତିକରଣ ନିମନ୍ତେ ମୁଖ୍ୟମନ୍ତ୍ରୀ ସହାୟତା ଯୋଜନାରେ ୨୦ଲକ୍ଷ ଟଙ୍କା ଅନୁଦାନରେ ହେବାକୁଥିବା ପ୍ରକଳ୍ପ କାର୍ଯ୍ୟକୁ ବିଧାୟକ ଶ୍ରୀ ପ୍ରଧାନ ଶୁଭ ଶିଳାନ୍ୟାସ କରିଛନ୍ତି । ଏହାପରେ ଚନ୍ଦନ ପୁଷ୍କରିଣୀ ନିକଟରେ ଶ୍ରୀଜୀଉଙ୍କର ନିଜସ୍ୱ ଅର୍ଥରେ ନିର୍ମାଣ କରାଯାଇଥିବା ବସନ୍ତ ବିହାର ନାମକ ନୂତନ ମାର୍କେଟ କମ୍ପ୍ଲେକ୍ସ କୁ ବିଧାୟକ ଶୁଭ ଉଦ୍‌ଘାଟନ କରିଛନ୍ତି । ଶିକ୍ଷାବିତ୍ ଦେବେନ୍ଦ୍ର ଖୁଣ୍ଟିଆଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମରେ ବିଜୟ କୁମାର ମିଶ୍ର, ସୁବାଷ ଚନ୍ଦ୍ର ମିଶ୍ର , ଯତିନ୍ଦ୍ର ନାଥ ମିଶ୍ରଙ୍କ ସମେତ ସମସ୍ତ ସେବାୟତ ଓ ଗ୍ରାମବାସୀମାନେ ଉପସ୍ଥିତ ଥିଲେ । ପରେ ବିଧାୟକ ଶ୍ରୀ ପ୍ରଧାନ ଅସୁରେଶ୍ୱର ସୁଭଦ୍ରା ମହତାବ ମହାବିଦ୍ୟାଳୟ ପରିଦର୍ଶନ କରି ଏହାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସଂକ୍ରାନ୍ତରେ ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଥିଲେ ।

## ଆଦର୍ଶ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ

ନୂଆପଡ଼ା ୨୩/୧୨ (ନି.ପ୍ର): ନୂଆପଡା ଜିଲ୍ଲା କେଶରାଜପୁର ଆଦର୍ଶ ବିଦ୍ୟାଳୟ ରେ ୫ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବ ବିଦ୍ୟାଳୟ ର ଅଧକ୍ଷ ଚିତ୍ତରଞ୍ଜନ ମଟାରୀ ନେତୃତ୍ୱ ବିଦ୍ୟାଳୟ ର ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଆୟୋଜିତ ଉତ୍ସବ ରେ ନୂଆପଡା ଆଦର୍ଶ ବିଦ୍ୟାଳୟ ର ନୋଡାଲ ଅଧକ୍ଷ ଜିତେନ୍ଦ୍ର କୁମାର ପ୍ରଧାନ ମୁଖ୍ୟ ବକ୍ତା ଭାବରେ କଣ୍ଟାବାଞ୍ଜି କେ ଭି କଲେଜ ର ଓଡ଼ିଆ ଅଧାପକ ସଞ୍ଜୟ କୁମାର ମିଶ୍ର ବୋଡ଼େନ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ଦେ, ସୁନାପୁର ପଞ୍ଚାୟତ ସରପଞ୍ଚ ମୁକ୍ତାମଣି ରାଉତ, ସମିତି ସଭ୍ୟା ମୀନାରାଣୀ ସାହୁ ସମ୍ମାନିତ ଅତିଥି ଭାବରେ ମଞ୍ଚାସିନ ହୋଇଥିଲେ। ବିଦ୍ୟାଳୟ ର ଶିକ୍ଷୟତ୍ରୀ ଅନିମା ବାରିକ ଅତିଥି ମାନଙ୍କ ପାଇଁ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଯଦୁମଣି ବାରିକ, ଆକାଶ ମୁଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଛାତ୍ର ଛାତ୍ରୀମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ର କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ତୋଷ କୁମାର ଦାସ, ସାର୍ଥକ ସାରଥି ସିଂ, ସାଗର ମହାନ୍ତି, ଲିଲି ପଟେଲ, ଜିତେନ୍ଦ୍ର ନାଥ ଗହୀର, ଦେବସ୍ମିତା ହାସଦା, ଲକ୍ଷ୍ମଣ ବରିହା, ମନୋଜ ବେହେରା, ସତ୍ୟ ପ୍ରକାଶ ଦଣ୍ଡସେନା, ତପେଶ୍ୱର ମେହେର,ଲଳିତ ତାଣ୍ଡି,ଅଲିଭ ଭୋଇ, ରାମଚନ୍ଦ୍ର ମାଝୀ ପ୍ରମୁଖ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟତ୍ରୀ ମାନେ ସହଯୋଗ କରିଥିଲେ । ଶେଷରେ ନରୋତ୍ତମ ବାଗ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଟାଟା ଟିସ୍କନ ପକ୍ଷରୁ ଉପଭୋକ୍ତା ବୈଠକ

ପାଟଣା ୨୩/୧୨ (ନି.ପ୍ର): ଢେଙ୍କିକୋଟ ର ବଜରଙ୍ଗବାଲି ଏଣ୍ଟରପ୍ରାଇଜେସ ପରିସରରେ ଟାଟା ଟିସ୍କନ ପକ୍ଷରୁ ଏକ ଉପଭୋକ୍ତା ଙ୍କ ବୈଠକ ଗତ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏହାର ଅଧିକୃତ ବିକ୍ରେତା ମନୋରଞ୍ଜନ ସାହୁ ଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଟାଟା ଟିସ୍କନର ବୈଷୟିକ ପରିଚାଳକ ପ୍ରିୟବ୍ରତ ମଲିକ, ବିକ୍ରୟ ଅଧିକାରୀ ସଞ୍ଜୟ କୁମାର ବାରିକ ପ୍ରମୁଖ ଯୋଗ ଦେଇ ବର୍ଷ ବର୍ଷ ଧରି ଟାଟା ଟିସ୍କନ ଉତ୍ପାଦିତ ଲୁହା ରଡ ଓ ଅନ୍ୟାନ୍ୟ ଉତ୍ପାଦର ଗୁଣବତ୍ତା ଉପରେ ଉପସ୍ଥିତ ୫୦ ରୁ ଅଧିକ ଉପଭୋକ୍ତା ଙ୍କ ସହ ମତ ବିନିମୟ ଓ ମାର୍ଗଦର୍ଶନ ଦେଇଥିଲେ। ବଜରଙ୍ଗବାଲି ଏଣ୍ଟରପ୍ରାଇଜେର୍ସ ର ନବକିଶୋର ସାହୁ, ନିରଞ୍ଜନ ସାହୁ ଓ ଜ୍ଞାନରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ।

## ପଂଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ; ସଭାସ୍ଥଳ ପଡ଼ିଲା ଫାଙ୍କା

# ଜଳବନ୍ଦୀରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି






ନିଶ୍ଚିନ୍ତକୋଇଲି,୨୩/୧୨ (ନି.ପ୍ର): ନିଶ୍ଚିନ୍ତକୋଇଲି ପଂଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟର ୪୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ, ସମ୍ମାନୀତ ଅତିଥି ଭାବେ ଅଭିନେତା ଅରିନ୍ଦମ ରାୟ ଯୋଗ ଦେଇଥିଲେ । ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଲା ସତ ହେଲେ ସଭା ମଂଚ ସମ୍ମୁଖରେ ଛାତ୍ର ଛାତ୍ରୀ ଙ୍କ ଉଦ୍ଦେଶ୍ୟରେ ପଡ଼ିଥିବା ଆସନ ଫାଙ୍କା ରହିଥିବା ଦେଖିବାକୁ ମିଳିଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ଚାକଚକ୍ୟ କୋଠରୀ ଭିତରେ ନିଜ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ବେଳେ ମହାବିଦ୍ୟାଳୟର ପ୍ରବେଶ ପଥରେ ସାମାନ୍ୟ ବର୍ଷାରେ ପାଣି ଛିଡ଼ା ହୋଇ ରହିଥିବାରୁ ମହାବିଦ୍ୟାଳୟକୁ ଛାତ୍ର ଛାତ୍ରୀମାନେ ଯିବା ଆସିବାରେ ଅସୁବିଧା ଭୋଗୁଛନ୍ତି । ମହାବିଦ୍ୟାଳୟ ପରିସରରେ ଥିବା ଓଡ଼ିଶାର ବରପୁତ୍ର ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ଓ ଉକ୍ତ ମହାବିଦ୍ୟାଳୟକୁ ଜମି ଦାନ କରିଥିବା ଭୂଦାତାଙ୍କ ପ୍ରତିମୂର୍ତ୍ତି ମଧ୍ୟ ପାଣି ଘେରରେ ରହି ଏକରକମ ଜଳବନ୍ଦୀ ହୋଇଥିବା ଦେଖିବାକୁ ମିଳିଥିଲା । କାର୍ଯ୍ୟକ୍ରମକୁ ବିଧାୟକ ଆସିବାକୁ ଥିବାରୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଅତ୍ୟନ୍ତ ତରବରିଆ ଭାବେ ସେଠାରୁ ପାଣି ନିଷ୍କାସନ କରିଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ଶୁଖି ପାରିନଥିଲା । ଫଳରେ ବିଧାୟକ ଶ୍ରୀ ପ୍ରଧାନ ପାଦବୁଡ଼ା ପାଣିରେ ପହଂଚି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଖାମଖିଆଲି ନୀତି ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଥିବା ସାଧାରଣରେ ଚର୍ଚ୍ଚା ହେଉଛି । ସଭା ମଂଚରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ତାଙ୍କ ଅଭିଭାଷଣରେ ବିଧାୟକଙ୍କୁ ପ୍ରବଳ ବେଗରେ ଟେକି ଟାକି ଅଭିଭାଷଣ ପ୍ରଦାନ କରିଥିଲେ । ନିଜର ଦୋଷ ଘୋଡ଼ାଇବାକୁ ଯାଇ ଅଧ୍ୟକ୍ଷ ଏଭଳି କହିଥିବା ଚର୍ଚ୍ଚା ହେଉଛି । ଅନ୍ୟ ପକ୍ଷରେ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ହେଲା , ହେଲେ ଉତ୍ସବରେ ଯେତିକି ସଂଖ୍ୟକ ଛାତ୍ର ଛାତ୍ରୀ ଥିଲେ ତାହା ଠାରୁ ଅଧିକ ସଂଖ୍ୟାରେ ବିଧାୟକଙ୍କ ସମର୍ଥକ ଥିଲେ । ଏହି ଘଟଣା ଏବେ ସ୍ଥାନୀୟ ଅ□ଳରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି ।

# ଆଠଗଡ଼ରେ ଦଳର ମିଶ୍ରଣ ପର୍ବ ସମାରୋହରେ କେନ୍ଦ୍ରମନ୍ତ୍ରୀ

## ଭୟମୁକ୍ତ ଓ ବିକଶିତ ଅଞ୍ଚଳ ହେବ ଆଠଗଡ଼- ଧର୍ମେନ୍ଦ୍ର ପ୍ରଧାନ



ଆଠଗଡ଼, ଡିସେମ୍ବର ୨୩ – ଚଷା ଚାଷୀର ଅଞ୍ଚଳ ଆଠଗଡ଼ ଅପାର ସମ୍ଭାବନାରେ ପରିପୂର୍ଣ୍ଣ । ଏହି ମାଟି କେବେ ଇଂରେଜମାନଙ୍କୁ ଭ୍ରୁକ୍ଷେପ କରିନାହିଁ । ଅନ୍ୟାୟ ଅତ୍ୟାଚାର ଆଗରେ ମଥା ନୁଆଇଁ ନାହିଁ । କିଛି ଲୋକଙ୍କ କାରଣରୁ ଆଜି ଆଠଗଡ଼ର ବିକାଶ ହୋଇନାହିଁ । ମାତ୍ର ବିଜେପିର ଡବଲ ଇଞ୍ଜିନ ସରକାରରେ ଆଠଗଡ଼କୁ ଭୟମୁକ୍ତ ଓ ବିକଶିତ ଅଞ୍ଚଳ କରିବା ପାଇଁ ଆମେ କଟିବଦ୍ଧ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଆଠଗଡ଼ରେ ଆୟୋଜିତ ମିଶ୍ରଣ ପର୍ବରେ ଅନେକ ସମର୍ଥକଙ୍କ ଦଳରେ ସ୍ୱାଗତ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଠଗଡ଼ ଗଡଜାତ ଓ ସ୍ୱାଭିମାନୀ ଅଞ୍ଚଳ । ଆଠଗଡ ଓଡ଼ିଶାର ପ୍ରମୁଖ ପେଣ୍ଠସ୍ଥଳ । ଅନ୍ୟାୟ, ଅତ୍ୟାଚାରରେ ମୁଣ୍ଡ ନୁଆଉଁ ନଥିବା ଅଞ୍ଚଳ । ବିଜେପି ସରକାରରେ ଆଇନ କେଉଁ ବିଧାୟକଙ୍କ ନିର୍ଦ୍ଦେଶରେ ଚାଲିବ ନାହିଁ । ନ୍ୟାୟ ଗରିବ ଲୋକଙ୍କ ପାଇଁ ରହିବ । ଏଠାରେ କିଛି ଲୋକ ଔଷଧ ବିକଳରେ ତାଟିଆ କମୁଡ଼ିଛନ୍ତି । ଡବଲ ଇଞ୍ଜିନରେ ସରକାର ଏହି ଅଞ୍ଚଳରେ ଲୋକଙ୍କୁ ନ୍ୟାୟ ଦେବା ସହ ବିକାଶ ପାଇଁ ପ୍ରତିବଦ୍ଧ । ଶ୍ରୀ ପ୍ରଧାନ କହିଛନ୍ତି ଯେ ବ୍ୟାଙ୍କରୁ ଋଣ ଅଣାଯାଇ ଆଠଗଡ଼ରେ କେନାଲ ଖୋଳା ହେଲା । ଏହାଦ୍ୱାରା ଓଡ଼ିଶାର ଋଣ ଭାର ବଢ଼ିଲା କିନ୍ତୁ ଏହି ଅଞ୍ଚଳର ଚାଷୀଙ୍କ ଜମିକୁ ପାଣି ମାଡିଲା ନାହିଁ । ମହାନଦୀରେ ଆଜି ପାଣି ନଷ୍ଟ ହେଉଛି । କିନ୍ତୁ ଯଦି ସେହି ପାଣିକୁ ସୁବ୍ୟବସ୍ଥିତ ରାଯାଇପାରିବ ତେବେ ଆଠଗଡ ଚାଷୀ ବିଲରେ ସୁନା ଫଳିବ । ଡବଲ ଇଞ୍ଜିନ ସରକାରରେ ଆଠଗଡ଼ର ଚାଷ ଓ ଚାଷୀଙ୍କ ସମସ୍ୟାର ସମାଧାନ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ବୋଦୟ ମିଶନରେ କ୍ୟାପିଟାଲ ଜୋନ୍ ରିଙ୍ଗ ରୋଡର କଳ୍ପନା ହୋଇଛି । ଏଥିପାଇଁ ପ୍ରାୟ ୬୦୦୦ କୋଟି ଟଙ୍କାର ଖର୍ଚ୍ଚ ହେବ । ଏହାର ଅଧିକ ଲାଭ ଆଠଗଡ ପାଇବ । ପୂର୍ବ ସରକାରଙ୍କ ଏଥିରେ ସହଯୋଗ ନଥିଲା । ସ୍ୱାମୀ ମରୁ ପଛେ ସଉତୁଣୀ ବିଧବା ହେଉ, ଏହି କାମରେ ପୂର୍ବ ସରକାର ଲାଗିଥିଲେ । ମାତ୍ର ଉପରୋକ୍ତ ପଦକ୍ଷେପ ଦ୍ୱାରା ଆଗାମୀ ଦିନରେ ଆଠଗଡରେ ଚାଷ ଓ ଶିଳ୍ପାୟନ ବଢ଼ିବ । ଓଡ଼ିଶାର ସବୁଠୁ ବିକଶିତ ହେବ ଅଞ୍ଚଳ ହେବ ଖୋର୍ଦ୍ଧାରୁ ଆଠଗଡ । ଖୋର୍ଦ୍ଧା ସବ ଡିଭିଜନ, କଟକ ସଦର ସବ ଡିଭିଜନ, ଆଠଗଡ ସବ ଡିଭିଜନ, ଢେଙ୍କାନାଳ ସବ ଡିଭିଜନ, ବାଙ୍କୀ ସବ ଡିଭିଜନର ବିକାଶ ହେବ । ଆଠଗଡ଼ ସମେତ ସମ୍ବଲପୁର, କଟକ, ଢେଙ୍କାନାଳ, ବାଙ୍କୀ, ଜଗତସିଂହପୁରର ସଡକ ଭିତ୍ତିଭୂମି ସୁଦୃଢ଼ ହେବ ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ ମିଶ୍ରଣ ପର୍ବରେ କଂଗ୍ରେସ ଏବଂ ବିଜେଡି ଦଳର ନେତା, ଜନପ୍ରତିନିଧି ଓ ଅନେକ ସମର୍ଥକଙ୍କୁ ଦଳରେ ସ୍ୱାଗତ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱ ଓ ବିକାଶଶୀଳ କାର୍ଯ୍ୟକୁ ସ୍ୱୀକାର କରି ଦଳରେ ଯୋଗଦେଇଥିବାରୁ ଧନ୍ୟବାଦ ଜଣାଇବା ସହ ଏହି ମିଶ୍ରଣ ପର୍ବ ଦଳର ସଂଗଠନକୁ ତୃଣମୂଳ ସ୍ତରରେ ଅଧିକ ମଜବୁତ୍ କରିବ ବୋଲି ସେ କହିଛନ୍ତି ।

## ଲଘୁଚାପ ଲଗାଣ ବର୍ଷାରେ ଭିଜିଲା ପାଚିଲା ଧାନ, ଚାଷୀ ମୁଣ୍ଡରେ ଚଡକ



ପୋଲସରା/ବୁଗୁଡା **୨୩/୧୨ (ନି.ପ୍ର):** ଲଘୁଚାପ ପ୍ରଭାବରେ ସୃଷ୍ଟି ହୋଇଥିବା ଲଗାଣ ବର୍ଷାରେ ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି । ଯାହା ଫଳରେ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହିଭଳି ଘଟଣା ଦେଖିବାକୁ ମିଳିଛି ପୋଲସରା ବ୍ଲକରର ୨୬ଟି ପଞ୍ଚାୟତ ଓ ପୋଲସରା ଏନଏସି ଏବଂ ବୁଗୁଡା ବ୍ଲକର ୨୧ ଟି ପଞ୍ଚାୟତ ଓ ବୁଗୁଡା ଏନଏସି । ପୋଲସରା ବ୍ଲକର ପ୍ରାୟ ୯୦ ପ୍ରତିଶତ ଚାଷୀ ଧାନ କାଟି ବିଲ ମଧ୍ୟରେ କେତକ ଚାଷୀ ଗଦାକରି ରଖିଛନ୍ତି ଓ ଆଉ କେତକ ଧାନ କାଟି ବିଲରେ ପକାଇଛନ୍ତି । ବୁଗୁଡା ଅଞ୍ଚଳରେ ମଧ ଠିକ ଏହି ଅବସ୍ଥା । ଅଦିନିଆ ଧାରାବାହିକ ବର୍ଷା ଯୋଗୁ କ୍ଷତରେ ପାଣିଜମି ଧାନ ଫସଲ ନଷ୍ଟ ହୋଇଗଲାଣି । ସେହିପରି ଧାନ ଅମଳ ପରେ ଚାଷୀ କ୍ଷେତରେ ମୁଗ, ବିରି, ବୁଟ, ଚଣା ଆଦି ବୁଣିଥିଲେ ତାହା ମଧ ନଷ୍ଟ ହେବା ଆଶଙ୍କା ରହିଛି । ସରକାରଙ୍କ ପକ୍ଷରୁ ଆସନ୍ତା ଜାନୁୟାରୀ ୩ ତାରିଖ ଦିନ ଧାନ ମଣ୍ଡି ଖୋଲା ହେବାକୁ ସ୍ଥିର ହୋଇଥିବା ଯୋଗୁଁ ଚାଷୀ ଅମଳ କରିଥିବା ଶୁଖିଲା ଧାନ ଖଳାରେ ଗଦା ହୋଇଥିବା ବେଳେ ବର୍ଷା ପାଣି ବାଜି କେତକ ଧାନ ଗଜା ହୋଇଯାଇଥିବା ଚାଷୀ ଅଭିଯୋଗ କରିଛି । ସରକାର ତୁରନ୍ତ କ୍ଷୟକ୍ଷତିର ଆକଳନ କରି ସାହାଯ୍ୟ କରିବାକୁ ଚାଷୀମାନେ ଦାବିକରିଛନ୍ତି ।

## ବାଲୁଗାଁରୁ ୨୬ କେଜି ଗଞ୍ଜେଇ ଜବତ, ତିନି ଗିରଫ

ବାଲୁଗାଁ **୨୩/୧୨ (ନି.ପ୍ର):** ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ରେଞ୍ଜ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ନେତୃତ୍ୱରେ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲି ଓ ଟିମ ପଇଁତରା ମାରୁଥିବା ବେଳେ ସରନଇ ବସ ଷ୍ଟପ ନିକଟରୁ ସନ୍ଦିଗ୍ଧ ଅବସ୍ଥାରେ ତିନି ଜଣ ଠିଆ ହୋଇଥିବା ବେଳେ ତଲାସୀ ବେଳେ ସେମାନଙ୍କ ନିକଟରୁ ଦୁଇଟି ବସ୍ତାରୁ ୨୬ କେଜି ଗଞ୍ଜେଇ ଜବତ ହୋଇଥିଲା । ଯାହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ୬୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି ।ଅଭିଯୁକ୍ତ ମାନେ ହେଲେ ଗଞ୍ଜାମ ଜିଲ୍ଲାର ଟୁନା ବେହେରା (୩୮) ଓ ଖତି ଦାସ (୨୬) ଏବଂ ମଧ୍ୟପ୍ରଦେଶର ସରିତା ଯାଦବ (୨୧)।ଉକ୍ତ ଗଞ୍ଜେଇ ବାହାରକୁ ଚାଲାଣ କରାଯାଉଥିବା ସନ୍ଦେହରେ ଅଭିଯୁକ୍ତଙ୍କ ବିରୁଦ୍ଧରେ କେଶ ନଂ ୨୦୮/୨୪ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଅଧିକାରୀ ଶ୍ରୀ ମୁଦୁଲି କହିଛନ୍ତି ।ଉକ୍ତ ଚଢ଼ାଉରେ ବାଲୁଗାଁ ଅବକାରୀ ଏଏସଆଇ ସଞ୍ଜୟ କୁମାର ମୁଦୁଲି, କନେଷ୍ଟବଳ ଅଶେଷ କୁମାର ପ୍ରଧାନ, ଚିନ୍ମୟୀ ଦାଶ, ତୁଷାରକାନ୍ତ ଚମ୍ପତି, କାଲୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

## ଦାଦାବଟି ମାଗିବା ଅଭିଯୋଗରେ ଦୁଇ ଗିରଫ

ବ୍ରହ୍ମପୁର **୨୩/୧୨ (ନି.ପ୍ର):** ଦାଦାବଟି ମାଗିବା ଅଭିଯୋଗରେ ବଡବ୍ଜାର ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରିଛି । ବାନ ସେମାନେ ହେଲେ ଶ୍ରୀରାମନଗରର ମୃତ ଧୀର ସାମଲଙ୍କ ପୁଅ ରିଙ୍କୁ ସାମଲ(୨୩) ଓ ମେଣ୍ଟାଲ ବିକି(୨୭) । ପୋଲିସ ସେମାନଙ୍କ ନିକଟରୁ ଘଟଣା ବେଳେ ବ୍ୟବହୃତ ହୋଇଥିବା ଦୁଇଟି ବାଇକ ମଧ୍ୟ ଜବତ କରିଛି । ପୋଲିସ ମାମଲା ନଂ ୪୩୪/୨୪ ରେ ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ଏଥିରେ ସମ୍ପୃକ୍ତ ରହି ଫେରାର ଥିବା ଅଭିଯୁକ୍ତ ମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ବାବା ଶଙ୍କର ସରାଫ କହିଛନ୍ତି । ଘଟଣାରୁ ପ୍ରକାଶ ଯେ ଶ୍ରୀରାମନଗରରେ ରହୁଥିବା କବିର ପାତ୍ର ନାମକ ଜଣେ ଯୁବକଙ୍କ ଘରକୁ ଗତ ୧୯ତାରିଖ ସକାଳେ ଭାଲୁ ସାମଲ ଓ ତାଙ୍କ ଗ୍ୟାଙ୍ଗର ୮ଜଣ ସଦସ୍ୟ ଯାଇଥିଲେ । ସେଠାରେ ସେମାନେ ତାଙ୍କୁ ୩୦ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ । ସେ ଏହାର ପ୍ରତିବାଦ କରିଥିଲେ । ଭାଲୁ ଉକ୍ତ ଯୁବକଙ୍କୁ ମାରାଣସ୍ତ୍ର ଦେଖାଇ ଭୟଭୀତ କରିଥିଲେ । ସେମାନେ ତାଙ୍କୁ ୩୦ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ । ନ ଦେଲେ ଜୀବନରେ ମାରିଦେବାକୁ ଧମକଚମକ ଦେଇଥିଲେ ।

## ଜାତୀୟ ଗଣିତ ଦିବସ ପାଳିତ

ଅତାବିରା **୨୩/୧୨ (ନି.ପ୍ର):** ଅତାବିରା ବ୍ଲକ ଅନ୍ତର୍ଗତ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଝିଲିମିଣ୍ଡାଠାରେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଶିଶିର କୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଲରମ୍ଭା ଉଚ୍ଚ ବିଦ୍ୟାଳୟର ପୂର୍ବତନ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସ୍ୱନାମଧନ୍ୟ ଗଣିତ ଶିକ୍ଷକ ଶ୍ରୀଯୁକ୍ତ ଭାରତ ସରାଫ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବରେ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ମଧୁସୂଦନ ନାୟକ ଓ କୁଲିତା ଟୁକୁରା ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷକ ଶ୍ରୀଯୁକ୍ତ ବିକାଶ କୁମାର ନାଏକ ମଞ୍ଚାସୀନ ଥିଲେ । ଗଣିତ ଶିକ୍ଷକ ଶ୍ରୀଯୁକ୍ତ ଧର୍ମରାଜ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଭବ୍ୟ ସମାରୋହରେ ପ୍ରଥମେ ଅତିଥିମାନଙ୍କ ଦ୍ୱାରା ବିଶିଷ୍ଟ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ୍ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ଏବଂ ଛାତ୍ରୀମାନଙ୍କ ଦ୍ୱାରା ମନ୍ତ୍ର ଉଚ୍ଚାରଣ ଏବଂ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରାଯାଇଥିଲା । ମୁଖ୍ୟ ଅତିଥି ଶ୍ରୀଯୁକ୍ତ ସରାଫ ସାର୍ ଗଣିତ ବିଷୟଟି କିପରି ସଂଖ୍ୟାମାନଙ୍କର ଖେଳ ସେ ଖୁବ ସୁନ୍ଦର ଭାବରେ ବ୍ୟାଖ୍ୟା କରିଥିଲେ ।

## ମାତୃପୁରୀର ୨୮ତମ ବାର୍ଷିକ ଉତ୍ସବ ' ଉତ୍ସାହ - ୨୦୨୪-୨୫ ' ଅନୁଷ୍ଠିତ

ଅତାବିରା **୨୩/୧୨ (ନି.ପ୍ର):** ଅତାବିରା ଏନ. ଏ. ସି. ଅନ୍ତର୍ଗତ ଲାଦରପାଲିସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୨୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ନିମନ୍ତ୍ରିତ ଅତିଥି ମାନଙ୍କ ଦ୍ୱାରା ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଠାରେ ଦୀପ ପ୍ରଜ୍ୱଳନ ପରେ ସାମୂହିକ ଧ୍ୟାନ ଓ ମାତୃବନ୍ଦନା ପରେ ସଭାପତି ଶ୍ରୀ ଶେଷଦେବ ନାଏକଙ୍କ ସଭାପତିତ୍ୱ ରେ ପ୍ରଥମ ଅଧିବେଶନ ଆରମ୍ଭ ହୋଇ ଥିଲା ।କ୍ଷ କଳା ଓ ସାଂସ୍କୃତିକ ପରିଷଦ ମତୃପୁରୀ ର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା । ଶିକ୍ଷକ ନିରଞ୍ଜନ ପସାୟତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବବ୍ରୁବାହନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ପ୍ରଥମ ଅଧିବେଶନରେ ଏନ. ଏ. ସି. କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଉମେଶ ଚନ୍ଦ୍ର ସାହୁ, ଶ୍ରୀ ଚାପଧାରି ସିଂ, ଶ୍ରୀ ସୁବୋଧ ଚନ୍ଦ୍ର ବାରିକ, ସମ୍ପାଦକ ଶ୍ରୀ କୃଷ୍ଣଚନ୍ଦ୍ର ପ୍ରଧାନ ଓ ଅଧ୍ୟକ୍ଷ ଶ୍ରୀ ଟିକେଲାଲ ଚାନ୍ଦ ମଞ୍ଚାସିନ ଥିଲେ । ଏହି ଅବସରରେ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ପାଦକ ଶ୍ରୀ କୃଷ୍ଣଚନ୍ଦ୍ର ଧନ୍ୟବାଦ ଦେଇଥିଲେ । ଶ୍ରୀଯୁକ୍ତ ଶେଷଦେବ ନାଏକ ଙ୍କ ସଭାପତିତ୍ୱ କ୍ରମେ ଏହି ଉତ୍ସବରେ ଦ୍ୱିତୀୟ ଅଧିବେଶନରେ ଶ୍ରୀ ସରୋଜ କୁମାର ରଥ ସ୍ୱାଗତ ଭାଷଣ ଦେଇଥିଲେ ଅଧ୍ୟକ୍ଷ ଶ୍ରୀଯୁକ୍ତ ଟିକେଲାଲ ଚାନ୍ଦ ବାର୍ଷିକ ବିବରଣୀ ପଠନ କରିଥିଲେ । ଏହି ଅଧିବେଶନରେ ଅତିରିକ୍ତ ଜିଲ୍ଲାପାଳ ବରଗଡ଼ ଶ୍ରୀମତୀ ମଧୁଛନ୍ଦା ସାହୁ, ଶ୍ରୀ ସୁରେନ୍ଦ୍ର ହୋତା, ଜୋନାଲ ମୁଖ୍ୟ TPWODL , BARGARH ଶ୍ରୀ ଅରୁଣ କୁମାର ହୋତା , ଶ୍ରୀ ମନୋରଞ୍ଜନ ମିଶ୍ର ଡାଇରେକ୍ଟର ପିନାକଲ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍, ସମ୍ବଲପୁର ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ଦଶମ ଶ୍ରେଣୀ ପରୀକ୍ଷାରେ ସମଗ୍ର ଓଡ଼ିଶା ରାଜ୍ୟରେ ପ୍ରଥମ ହୋଇଥିବା ଛାତ୍ର ଶ୍ରୀ ଶୁଭଙ୍କର ସାହୁଙ୍କୁ 'ସମାଜ ସେବୀ ବିପିନ ବିହାରୀ ପ୍ରଧାନ ସ୍ମୃତି-ସମ୍ମାନ' ରେ ସମ୍ମାନିତ କରାଯାଇଥିଲା । ମେଡିକାଲ



ପରୀକ୍ଷାରେ କୃତୀ ଅଗ୍ରଦୂତ ଛାତ୍ରଛାତ୍ରୀ ମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ଶିକ୍ଷକ ଶ୍ରୀ ଯତୀନ୍ଦ୍ର ପ୍ରଧାନ, ବେଷ୍ଟ ରେଗୁଲାର ଶିକ୍ଷକ ଭାବରେ ଶ୍ରୀମତୀ ଜୟଶ୍ରୀ ପ୍ରଧାନ ଓ ସୁଶ୍ରୀ ଶିଖା ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଶ୍ରୀ ବବ୍ରୁବାହନ ମିଶ୍ର,ଶ୍ରୀ ଯୁଗଳ କିଶୋର ସାହୁ,ଶ୍ରୀ ହେମସାଗର ବାରିକ, ଶ୍ରୀମତୀ ଗିରିଜା ସାହୁ ପ୍ରମୁଖଙ୍କ ପରିଚାଳନା ରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ୩୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା କ୍ଷ କାର୍ଯ୍ୟକ୍ରମ ପରିଚାଳନାରେ ଶ୍ରୀ ରତନ ଦୀପ, ଶ୍ରୀ ମାନସ ଦାନୀ, ଶ୍ରୀ ରାମଚନ୍ଦ୍ର ପ୍ରଧାନ, ଶ୍ରୀ ଧର୍ମରାଜ ସାହୁ, ଶ୍ରୀ ମାନସ ଭୋଇ, ଶ୍ରୀ ଗଜେନ୍ଦ୍ର ବାଗ, ଶ୍ରୀ ସୁନିଲ ଖମାରୀ, ଶ୍ରୀମତୀ ମୋନାଲିସା ବିଶ୍ୱାଲ, ଶ୍ରୀ ଆଦିତ୍ୟ ମିଶ୍ର, ଶ୍ରୀମତୀ ଅମ୍ରିତା ବାରିକ, ଶ୍ରୀମତୀ ଲୋପାମୁଦ୍ରା ପ୍ରଧାନ, ଶ୍ରୀମତୀ ଜୟଶ୍ରୀ ପ୍ରଧାନ, ସୁଶ୍ରୀ ସୁନୀତି ଭୋଇ, ଶ୍ରୀ ଏକାଦଶିଆ ସାହୁ, ଶ୍ରୀ ସୁଦୀପ ସାହୁ, ଶ୍ରୀ ହେମାନନ୍ଦ ଭୋଇ ପ୍ରମୁଖ ସହଯୋଗ କରିଥିଲେ । ପରିଚାଳନା କମିଟୀର ଶ୍ରୀ ଜୟପ୍ରକାଶ ଅଗ୍ରୱାଲ, ଶ୍ରୀ ଭରତ ଚୌହାନ, ଶ୍ରୀ ଖେଦୁ ପ୍ରଧାନ, ଶ୍ରୀମତୀ ସୁଶ୍ରୀ ପ୍ରଧାନ, ଶ୍ରୀମତୀ ସୁସ୍ମିତା ମିଶ୍ର, ଶ୍ରୀ ବିନୋଦ ବିହାରୀ ପ୍ରଧାନ, ଶ୍ରୀ ଉପେନ୍ଦ୍ର ମହାକୁର ତଥା ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ, କର୍ମଚାରୀ ଓ ଅଭିଭାବକ ମାନଙ୍କର ସହଯୋଗ କରିଥିଲେ । ପରିଶେଷରେ ଶ୍ରୀ ଯତୀନ୍ଦ୍ର କୁମାର ପ୍ରଧାନ କୃତଜ୍ଞତା ପ୍ରଦାନ କରିଥିଲେ ।

## କାଣ୍ଡସର ଉଚ୍ଚ ବିଦ୍ୟାଳୟରେ ଦ୍ୱି-ଦିବସୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା:ବିଦ୍ୟାର୍ଥୀ ଖେଳ ପ୍ରତି ରୁଚି ରଖିବା ପ୍ରତି ଉପଦେଶ



ମୟୂରଭଞ୍ଜ **୨୩/୧୨ (ନି.ପ୍ର):**ଜାମଦା ବ୍ଲକ୍ ଅନ୍ତର୍ଗତ କାଣ୍ଡସର ଉଚ୍ଚ ବିଦ୍ୟାଳୟରେ ଦ୍ୱି-ଦିବସୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହେଇଯାଇଛି । ପ୍ରଥମ ଶ୍ରେଣୀ ରୁ ଦଶମ ଶ୍ରେଣୀଯାଏଁ ମୋଟ ୪୦ଟି ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିଥି ରୂପେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ନାଏକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ମୁଖ୍ୟ ଅତିଥି ରୂପେ ବରିଷ୍ଠ ଶିକ୍ଷକ ଜିତେନ୍ଦ୍ର କୁମାର ବରାଳ ପତାକା ଉତ୍ତୋଳନ ଓ ଫିତା କାଟି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଶିକ୍ଷୟତ୍ରୀ ଦୁବଲତା ବେହେରା ଓ ବାସନ୍ତୀଲତା ଦାସ ସ୍ୱାଗତ ସଙ୍ଗୀତ ଗାନ କରି ସଭାକୁ ଆରମ୍ଭ କରିଥଲେ । ପ୍ରଧାନଶିକ୍ଷକ ତାଙ୍କ ବକ୍ତବ୍ୟରେ କହିଲେ ବର୍ତ୍ତମାନର ସମୟରେ ଶିକ୍ଷାର୍ଥିଙ୍କ ନିମନ୍ତେ କ୍ରୀଡ଼ା ନିତାନ୍ତ ଆବଶ୍ୟକ । ଶ୍ରୀଯୁକ୍ତ ବରାଳ ତାଙ୍କ ଅଭିଭାଷଣରେ ଶିକ୍ଷା ଓ କ୍ରୀଡା ର ସମ୍ପର୍କରେ କହିଥିଲେ । ଶାରୀରିକ ଶିକ୍ଷା ଶିକ୍ଷକ ଶ୍ରୀଯୁକ୍ତ ରାଉଳ ତାଙ୍କ ଅଭିଭାଷଣରେ ପିଲାଙ୍କୁ ଉତ୍ସାହିତ କରିଥିଲେ ଓ କ୍ରୀଡା ପ୍ରତି ତାଙ୍କ ଆଗ୍ରହ କୁ ଆକର୍ଷିତ କରିଥିଲେ । ଶାରୀରିକ ଶିକ୍ଷା ଶିକ୍ଷକ ସଂଜିତ୍ କୁମାର ରାଉଳ ଓ ସୃଷ୍ଟିଧର ମହାନ୍ତ ଖେଳ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ସବିତା ମହାନ୍ତ, ଦୁବଲତା ବେହେରା, ବାସନ୍ତିଲତା ଦାସ, ଯାଜ୍ଞସେନୀ ଦଳେଇ, ହିରାମଣି ହେମ୍ବ୍ରମ, ସୁଭାଷିନୀ ବେହେରା, ଫୁଲମତି ମୁର୍ମୁ,ଶିକ୍ଷକ ରଘୁନାଥ ମହାଳିକ, ଅଜୟ ସେଠି, ଦୁଖୁ ସୋରେନ, ହିମାଂଶୁ ଜେନା, ଦେବାଶିଷ ଗୋସ୍ୱାମୀ, ଶୁଭମ୍ ବାରିକ, ହିତେଶ ନାଥଓ ସୁନିଲ ବେହେରା ପ୍ରମୁଖ ସହଯୋଗ କରିଥଲେ । କ୍ରୀଡା ପ୍ରତିଯୋଗିତାରେ ଗଣେଶ ସଏ , ମାମୁନି ପିଙ୍ଗୁଆ ଓ ଗୁଲୁ ଭୂମିଜ୍ ଚାମ୍ପିଅନ ପୁରସ୍କାର ପାଇଥିଲେ ।ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ବରାଳ ଚାମ୍ପିଅନ ପୁରସ୍କାର ପ୍ରଦାନ କରିଥିଲେ ଓ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ନିରଞ୍ଜନ ନାଏକ ସମସ୍ତଙ୍କୁ ଧନ୍ୟବାଦ୍ ଦେଇ ସଭାକୁ ସମାପ୍ତି କରିଥିଲେ ।

## ଗଣିତ ବିଭାଗ ପକ୍ଷରୁ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଓ ପ୍ରବେଶ ଉତ୍ସବ



ବୁଗୁଡା **୨୩/୧୨ (ନି.ପ୍ର):** ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବୁଗୁଡା ପିପୁଲସ କଲେଜର ଗଣିତ ବିଭାଗ ପକ୍ଷରୁ ଡିସେମ୍ବର ୨୨ ତାରିଖ ଦିନ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ ପ୍ରବେଶ ଉତ୍ସବ କଲେଜର କମ୍ପ୍ୟୁଟର ଲାବରେ ଅନୁଷ୍ଠିତ ହୋଇଯାଇଛି । କଲେଜର ପ୍ରିନ୍ସପାଲ ତଥା ଗଣିତ ବିଭାଗ ମୁଖ୍ୟ ପ୍ରଫେସର ହରିକୃଷ୍ଣ ନାୟକ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ଅତିଥି ଭାବେ ଆଇକିୟୁଏସି ସଂଯୋଜକ ଅକ୍ଷୟ କୁମାର ସାହୁ, ଆଡମିନିଷ୍ଟ୍ରିଟିଭ ବରସର ଡକ୍ଟର ପ୍ରଦୀପ କୁମାର ଦାଶ ଓ ଏକାଡେମୀକ ବରସର ସୁଶାନ୍ତ କୁମାର ସାହୁ ଯୋଗ ଦେଇଥିଲେ । ଗଣିତ ବିଭାଗ ଅଧ୍ୟାପକ ଦିନେଶ କୁମାର ଚୌଧୁରୀ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ଦ୍ୱିତୀୟ ଓ ତୃତୀୟ ବର୍ଷ ଛାତ୍ରଛାତ୍ରୀ ବୃନ୍ଦ ସ୍ୱାଗତ କରିବା ସହ ଭାବର ଆଦାନ ପ୍ରଦାନ ଅନୁଷ୍ଠିତ ହୋଇଥିଲା । ଅତିଥି ବୃନ୍ଦ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ କଲେଜର ନିୟମାବଳୀ ବିଷୟରେ ଓ ନୂତନ ଶିକ୍ଷାନୀତି ବିଷୟରେ ବିଶଦ ଭାବେ ବୁଝାଇଥିଲେ । ତୃତୀୟ ବର୍ଷ ଛାତ୍ର ଶ୍ୟାମ ସୁନ୍ଦର ପ୍ରଧାନ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ଗଣିତ ବିଭାଗ ଅଧ୍ୟାପିକା ନିଳି ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଉତ୍କର୍ଷ-୨୦୨୪ ଅନୁଷ୍ଠିତ



ବେଲଗୁଣ୍ଠା **୨୩/୧୨ (ନି.ପ୍ର):** ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ପ୍ରତାପ ଲକ୍ଷ୍ମଣପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ବାର୍ଷିକ ଉତ୍ସବ ଉତ୍କର୍ଷ-୨୦୨୪ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ଅଧ୍ୟକ୍ଷ ମାନସ ରଞ୍ଜନ ଡାକୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବର ଉଦ୍ଘାଟନୀ କାର୍ଯ୍ୟକ୍ରମରେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷା ଅଧିକାରୀ କୁମର ବେହେରା ମୁଖ୍ୟ ବକ୍ତା ରୁପେ ଯୋଗ ଦେଇଥିଲେ । ସେହିପରି ସମ୍ମାନୀତ ଅତିଥି ରୂପେ କ୍ଷତ୍ରିୟବରପୁର ସରକାରୀ ନୋଡ଼ାଲ୍ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲୋପାମୁଦ୍ରା ରଥ,ବେଲଗୁଣ୍ଠା ପଂଚାୟତ ସମିତି ଅଧକ୍ଷା ପ୍ରମିଳା ପ୍ରଧାନ, ସ୍ଥାନୀୟ ସରପଞ୍ଚ କମଳ କୁମାରୀ ପ୍ରଧାନ,ମହନ୍ତ ମହାରାଜ ରାମକୃଷ୍ଣ ଦାସ,ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକ,ଡିଗ୍ରୀ କଲେଜ୍ ଅଧକ୍ଷ ସୁବାଷ ଚନ୍ଦ୍ର ସାମଲ,ବିଧାୟକ ପ୍ରତିନିଧି ଜିତେନ୍ଦ୍ର ନାୟକ,ପରିଚାଳନା କମିଟି ସଦସ୍ୟା ନୀରଜା ତ୍ରିପାଠି,ସିଆରସିସି ଛାୟାକାନ୍ତ ମହାପାତ୍ର ଏବଂ ଅବସରପ୍ରାପ୍ତ ଶିକ୍ଷକ ସୀତାକାନ୍ତ ତ୍ରୀପାଠୀ ପ୍ରମୁଖ ମଞ୍ଚାସୀନ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କ ପାଇଁ ବାର୍ଷିକଉତ୍ସବର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏହି ଅବସରରେ ବିଭିନ୍ନ ବିଭାଗରେ କୃତୀତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଉପସ୍ଥିତ ଅତିଥିମାନେ ପ୍ରଶଂସା ପତ୍ର ଏବଂ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । ପ୍ରତିକୂଳ ପାଗ ସତ୍ତ୍ୱେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା । ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ସନ୍ତୋଷ ଗୌଡ଼ ଧନ୍ୟବାଦ ଦେଇଥିଲେ ଓ ଶିକ୍ଷକ ପ୍ରଣିତ, ପ୍ରଶାନ୍ତ,ସୌରଭ, ସନ୍ତୋଷ, ରଜତ, ଶିକ୍ଷୟିତ୍ରୀ ରୋଜାଲିନ୍,ଲିପିକା, ହରିପ୍ରିୟା, ବର୍ଷା, ଶୀତାଂଶୁ, ରଶ୍ମିତା, ପ୍ରାଚୀପ୍ରଭା,କର୍ମଚାରୀ ରାମ,ଲକ୍ଷ୍ମଣ,ସୁନୀତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଅବହେଳିତ ଅବସ୍ଥାରେ କାର୍ଗିଲ ଯୁଦ୍ଧରେ ବ୍ୟବହୃତ ଯୁଦ୍ଧ ବିମାନ



ପାଟଣା : ସାହାରପଡା ବ୍ଲକ ଅନ୍ତର୍ଗତ ଉଦୟପୁର ଗ୍ରାମପଞ୍ଚାୟତ ଗଦଗଦି ଶିବ ମନ୍ଦିର ସମ୍ମୁଖରେ ପରିତ୍ୟକ୍ତ ଅବସ୍ଥାରେ ରଖା ଯାଇଥିବା କାର୍ଗିଲ ଯୁଦ୍ଧରେ ବ୍ୟବହୃତ ଓ ବାୟୁସେନାରୁ ଅବସର ନେଇଥିବା ଯୁଦ୍ଧବିମାନଟି ଅବହେଳିତ ଅବସ୍ଥାରେ ପଡ଼ିରହିଛି । ଏକ ବର୍ଷରୁ ଅଧିକ ସମୟ ହେବ ଉକ୍ତ ଯୁଦ୍ଧବିମାନଟି ଆସିବା ପରଠାରୁ ଓଡିଶାର କୋଣ ଅନୁକୋଣରୁ ହଜାର ହଜାର ଦର୍ଶକ ଏଠାରେ ଭିଡ଼ ଜମାଇଥିଲେ । ଏହା ଦେଖି ତତକାଳୀନ ବିଧାୟକ ଜଗନ୍ନାଥ ନାଏକ ସାହାରପଡା ବିଡ଼ିଓ ଓ ସହକାରୀ ଯନ୍ତ୍ରୀଙ୍କୁ ଆଣି ଏହାକୁ ଏକ ପର୍ଯ୍ୟଟନ ସ୍ଥଳୀ କରିବା ପାଇଁ ବଜେଟ ପ୍ରସ୍ତୁତ କରିଥିଲେ । ବଜେଟରେ ଶିବ ମନ୍ଦିରର ପୁନଃରୁଦ୍ଧାର ପାଚେରୀ ନିର୍ମାଣ ଏବଂ ପାର୍କ ନିର୍ମାଣ ସହିତ ଜାହାଜଟି ଧୂଳି ମଳି ଏବଂ ପକ୍ଷୀମାନେ ଯେପରି ଝାଡା ନ ବସିବେ ସେଥିପାଇଁ ଶେଡ଼ ନିର୍ମାଣ ସହିତ ନିକଟରେ ଥିବା ପୁଷ୍କରିଣୀର ପୁନଃରୁଦ୍ଧାର ପାଇଁ ବଜେଟ ତିଆରି ସରିଥିଲା । ମାତ୍ର ରାଜନୈତିକ ଉଦେଶ୍ୟ କାରଣରୁ ଏହା ସେତେ ବେଳେ ସମ୍ଭବ ହୋଇପାରିନଥିଲା । ତାପରେ ନିର୍ବାଚନ ସମୟରେ ମଧ ବର୍ତ୍ତମାନର ପାଟଣା ବିଧାୟକ ଓ ସାଂସଦ ଉଭୟଙ୍କୁ ଗଦଗଦି ବାସୀଙ୍କ ଉକ୍ତ ଯୁଦ୍ଧବିମାନର ରକ୍ଷଣାବେକ୍ଷଣ ପାଇଁ ଅବଗତ କରାଯାଇଥିଲା । ସେମାନେ ଜିତିଲେ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଜିତିବାର ଛ ମାସ ରୁ ଅଧିକ ସମୟ ହୋଇଯାଇଥିଲେ ମଧ ଏହି ସ୍ଥାନ ଉଭୟଙ୍କ ନଜରକୁ ଆସୁନାହିଁ । ଆଞ୍ଚଳିକ ଯୁବ ବିଜେପି ଯୁବ ନେତା ରାଜେଶ କୁମାର ମହାନ୍ତ ଓରଫ ଦୁର୍ଗା ମହାନ୍ତ କହିଛନ୍ତି ସେ ନିଜେ ଆଞ୍ଚଳିକ ଲୋକଙ୍କ ଦସ୍ତଖତରେ ଏକ ଦରଖାସ୍ତ ନେଇ ଦିଲ୍ଲୀରେ କେନ୍ଦୁଝର ସାଂସଦଙ୍କୁ ଏବଂ ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦେଇଥିଲେ । ପରେ ପାଟଣା ବିଧାୟକଙ୍କୁ ମଧ ଦେଇଥିଲେ । ମାତ୍ର ଏ ଯୁଦ୍ଧବିମାନ ପ୍ରତି କାହାର ବି ଆନ୍ତରିକତା ନଥିବା ପରି ଜଣା ପଡୁଛି ବୋଲି ରାଜେଶ ମହାନ୍ତ ଓ ବିଲା ଛକର ବିଶିଷ୍ଟ ବ୍ୟବସାୟୀ ରାମଚନ୍ଦ୍ର ମହାନ୍ତ କ୍ଷୋଭର ସହ ପ୍ରକାଶ କରିଛନ୍ତି ।

## ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ



ମ. ରାମପୁର **୨୩/୧୨ (ନି.ପ୍ର):** ମ.ରାମପୁର ବ୍ଲକ ଅନ୍ତର୍ଗତ ଉତେଇ ମେନ୍ କେନାଲ ର ସମସ୍ତ ଚାଷୀ ମାନଙ୍କୁ ନେଇ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ୨୦୨୪/୨୫ବର୍ଷ ର ପକ୍ଷ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଅତିଥି ଙ୍କ ଦ୍ୱାରା ମହାତ୍ମା ଗାନ୍ଧୀଙ୍କ ଫୋଟ ରେ ପ୍ରଦିପ ପ୍ରଜ୍ୟଳନ କରାଯାଇ ଥିଲା । ଓ ପରେ ଅତିଥି ମାନେ ନିଜ ନିଜ ବକ୍ତବ୍ୟ ରଖିଥିଲେ । ଏହାବାଦ ସ୍କୁଲ୍ ଛାତ୍ର ଛାତ୍ରୀ ଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀ ଙ୍କୁ ପୁରସ୍କାର ବିତରଣ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥିଭାବେ ନର୍ଲା ନିର୍ବାଚନ ବିଧାୟିକା ଶ୍ରୀମତୀ ମନୋରମା ମହାନ୍ତି,ଜିଲ୍ଲା ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଶ୍ରୀ ନିର୍ବିଘ୍ନ ଭୋଇ, ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ଜିଶୁକୃଷ୍ଣ ବରିହା, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ତାରାପ୍ରସାଦ ନାୟକ, ସହକାରୀ ଯନ୍ତ୍ରୀ ଶ୍ରୀ ସୁଶାନ୍ତ କୁମାର ଖୁରା, ଉତେଇ ମେନ୍ କେନାଲ ର ପାଣି ପଞ୍ଚାୟତ ସଭାପତି ଶ୍ରୀ ଶେଷଦେବ ସାହୁ, କର୍ଲାମୁଣ୍ଡା ଓ ସମସ୍ତ ଚାଷୀ ମ. ରାମପୁର ସ୍ଥିତ ଉତେଇ ମେନ କେନାଲ, ରେତ ଚାଷୀ ମାନଙ୍କ ଉପସ୍ଥିତିରେ ପାଣି ପଞ୍ଚାୟତ ପକ୍ଷ ପାଳନ ଟିର କାର୍ଯ୍ୟକ୍ରମ ପାଳନ କରାଯାଇଥିଲା ।

# ପାରାଦୀପ ହେବ ବିକାଶ ଦ୍ୱୀପ

## ପୂର୍ବୋଦୟ ମିସନ ଓ ଗରିବ କଲ୍ୟାଣର ପ୍ରୟୋଗଶାଳା ହେବ ପାରାଦୀପ: ଧର୍ମେନ୍ଦ୍ର






ପାରାଦୀପ, ୨୩/ ୧୨: ଶିଳ୍ପାଞ୍ଚଳ ପାରାଦୀପରେ ଯେଉଁ ସମ୍ଭାବନା ଅଛି, ତାହା ଆଗାମୀ ଦିନରେ ଓଡ଼ିଶାର ଆବଶ୍ୟକତାକୁ ପୂରଣ କରିବ। 'ପୂର୍ବୋଦୟ ମିସନ'ରେ ପାରାଦୀପ 'ବିକାଶ ଦ୍ୱୀପ' ହେବ ବୋଲି ସୋମବାର ପାରଦୀପ ନିର୍ବାଚନମଣ୍ଡଳୀରେ ଆୟୋଜିତ 'କାର୍ଯ୍ୟକର୍ତ୍ତା ସମ୍ମିଳନୀ'କୁ ସମ୍ବୋଧିତ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଜଗତସିଂହପୁର ଜିଲ୍ଲାର ପାରାଦୀପ ସମଗ୍ର ଦେଶରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ଜିଲ୍ଲାରେ ଓଡ଼ିଆ ସଂସ୍କୃତିର ପବିତ୍ର ପୀଠସ୍ଥଳ ମାଆ ସାରଳା ପୂଜା ପାଉଛନ୍ତି। ଓଡ଼ିଆ ଭାଷାର ଆଦିକବି ସାରଳା ଦାସ ଏହିଠାରୁ ଓଡ଼ିଆ ମହାଭାରତ ରଚନା କରିଛନ୍ତି। ହଜାର ହଜାର ବର୍ଷର ପୁରାତନ ଐତିହ୍ୟର ମୁକସାକ୍ଷୀ ଭାବେ ଏହି ଅଞ୍ଚଳରୁ ଓଡ଼ିଆ ସାଧବ ପୁଅମାନେ ନୌବାଣିଜ୍ୟ କରି ଓଡ଼ିଶାକୁ ବୈଭବ ଆଣିଛନ୍ତି। ସେହିପରି ପୂର୍ବ-ଭାରତର ତ୍ୱରିତ୍ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କର ଦୂରଦୃଷ୍ଟି ସମ୍ପନ୍ନ ଯୋଜନା ହେଉଛି 'ପୂର୍ବୋଦୟ'। ଏହାର ପ୍ରମୁଖ ବିନ୍ଦୁ ହେଉଛି ଓଡ଼ିଶାର ବିକାଶ। ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ 'ପୂର୍ବୋଦୟ'ରେ ପାରାଦ୍ୱୀପ ହେଉଛି ଏକ 'ବିକାଶ ଦ୍ୱୀପ'। ବିନା ପାରାଦୀପର ବିକାଶରେ ଓଡ଼ିଶା ଓ ଭାରତ ବିକଶିତ ହେବ ନାହିଁ। ପାରାଦୀପ ବନ୍ଦର କ୍ରମାଗତ ଭାବେ ୧୦୦ ମିଲିୟନ ମେଟ୍ରିକ୍ ଟନ୍ ପଣ୍ୟ କାରବାର କରି ବୃହତ୍ତମ ବନ୍ଦର ଭାବେ ପରିଚୟ ପାଇବା ଆମ ଓଡ଼ିଶାର ଶିଳ୍ପ ଜଗତ ପାଇଁ ବଡ ଉପଲବ୍ଧି। ସେ ଆହୁରି କହିଛନ୍ତି ଯେ ଦେଶରେ ଇଣ୍ଡିଆନ ଅଏଲର ଏକ ବଡ଼ ପୁଞ୍ଜିନିବେଶ ପାରାଦୀପ ତୈଳ ବିଶୋଧନାଗାର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଓଡ଼ିଶା ପାଇଁ ଅବଦାନ। ଏହାକୁ ବାଜପେୟୀ ଜୀ ଶୁଭ ଦେଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦଘାଟନ କରିଥିଲେ। ଏହି ପ୍ରକଳ୍ପରେ ଜଣେ ସାଧାରଣ ଓଡ଼ିଆ ଭାବରେ ଧର୍ମପଦ ଭାବରେ ଯୋଗଦାନ ଦେବା ସମୟରେ ମୁଁ ଅଟଳଜୀଙ୍କର ମହାନ ଦୂରଦୃଷ୍ଟିକୁ କଳ୍ପନା କରିପାରିଥିଲି। ପାରାଦୀପରେ ଶିଳ୍ପାୟନର ବିକାଶ ପାଇଁ ପ୍ରାୟ ୬୫ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ନିବେଶ ହୋଇଛି। ଆଗାମୀ ଦିନରେ ପାରାଦୀପରେ ଶିଳ୍ପାୟନକୁ ତ୍ୱରାନ୍ୱିତ କରିବା ସହ ଏଠାରେ ଭାଇଚାରା, ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ତିଆରି ହେବ। ଡବଲ ଇଞ୍ଜିନ ସରକାରରେ ପାରାଦୀପ 'ପୂର୍ବୋଦୟ ମିଶନ' ଓ ଗରିବ କଲ୍ୟାଣର ପ୍ରୟୋଗଶାଳା ହେବ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ନିକଟରେ ଭଦ୍ରକରେ ବୟନ ପାର୍କ ପ୍ରତିଷ୍ଠା ପାଇଁ ଇଣ୍ଡିଆନ ଅଏଲ ୪,୩୮୨ କୋଟି ଟଙ୍କାର ଅର୍ଥ ମଞ୍ଜୁର କରିଛି। ଇଣ୍ଡିଆନ ଅଏଲ ଓ ଏମସିପିଆଇ ପ୍ରାଇଭେଟ ଲିମିଟେଡର ମିଳିତ ସହଭାଗୀତାରେ ଏହି ବୟନ ପାର୍କ ପ୍ରତିଷ୍ଠା ହେବ। ଏହି ପଦକ୍ଷେପ ଦ୍ୱାରା ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ଭିତ୍ତିଭୂମି ସୁଦୃଢ ହେବ। ରାଜ୍ୟର ଅର୍ଥନୀତି ମଜଭୂତ୍ ହେବା ସହ ଯୁବକ ଯୁବତୀଙ୍କ ପାଇଁ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଥିପାଇଁ ପୂର୍ବ ସରକାର ସହଯୋଗ କରିନଥିଲେ। ମାତ୍ର ଏବେ ଡବଲ ଇଞ୍ଜିନ ସରକାରରେ ଓଡ଼ିଆ ଯୁବକମାନେ ବଡବଡ ଶିଳ୍ପ କାରଖାନାର ମାଲିକ ହେବେ। ଏଠାରେ ଆଗାମୀ ଦିନରେ ପେଟ୍ରୋକେମିକାଲ କମ୍ପଲେକ୍ସ ତିଆରି ହେବ। ତିର୍ତ୍ତୋଲ ପାଖରେ ବନ୍ଦ ହୋଇ ପଡିଥିବା ସୂତାକଳର ପୁନରୁଦ୍ଧାର ହେବ। ଶ୍ରୀ ପ୍ରଧାନ କାର୍ଯ୍ୟକର୍ତ୍ତାଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ ସରକାରୀ ସୁବିଧା କେବଳ ସରକାରୀ ଦଳର ନେତା ଏବଂ ସେମାନଙ୍କର ସମର୍ଥକଙ୍କୁ ମିଳିବାର ସମୟ ଶେଷ ହୋଇଛି। ବିଜେପିର ଡବଲ ଇଞ୍ଜିନ ସରକାରରେ ଗରିବ, ମହିଳା, ଯୁବ, ଚାଷୀ, ପଛୁଆ ଏବଂ ଜନଜାତିଙ୍କୁ ଅଗ୍ରାଧିକାର ଦିଆଯାଉଛି। ନିୟମ ଆଇନ ପରିଧିରେ ଶାସନ ଚାଲୁଛି। ଆମ ସରକାରରେ ସବୁ ବର୍ଗର ଲୋକଙ୍କ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ପ୍ରାଥମିକତା ଦିଆଯାଇଛି। ଆମ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଏହି ନିର୍ବାଚନମଣ୍ଡଳୀରେ ଦଳକୁ ଆହୁରି ମଜଭୂତ୍ କରିବା ସହ ଅନେକ ଲୋକଙ୍କୁ ସଦସ୍ୟତା ଅଭିଯାନରେ ଯୋଡିବା ପାଇଁ ପଡ଼ିବ । ଲୋକଙ୍କ ପାଇଁ ଓ ଲୋକଙ୍କ ହିତରେ କାମ କରିବାକୁ ହେବ ବୋଲି ସେ କହିଛନ୍ତି।

## କ୍ଷେତରେ ଭାସୁଛି ସୁନାର ଫସଲ ବତୁରା ଧାନକୁ ସାଉଁଟୁଛନ୍ତି ଚାଷୀ



ଆରଡି, ୨୩/ ୧୨: ୨ ଦିନ ଧରି ଲଘୁଚାପ ଜନିତ ଅଦିନିଆ ବର୍ଷା ଲାଗି ରହିବା ପରେ ରବିବାର ପାଗରେ ସାମାନ୍ୟ ପରିବର୍ତ୍ତନ ଆସିବାରୁ କ୍ଷେତ ଓ ଖଳାରେ ବର୍ଷାପାଣିରେ ଭିଜା(ବତୁରା) ଧାନକୁ ସାଉଁଟୁଛନ୍ତି ଚାଷୀ। ଲଘୁଚାପଜନିତ ଅଦିନିଆ ବର୍ଷା ଚାନ୍ଦବାଲି ବ୍ଲକର ଆରଡି, ନାନ୍ଦପୁର, ସୁନ୍ଦରପୁର, ଓଳଗ ଆଦି ଅଞ୍ଚଳର ଚାଷୀମାନଙ୍କର ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଚାଷୀମାନଙ୍କର ଅମଳ ହୋଇଥିବା ପାଚିଲା ଧାନ କ୍ଷେତରେ ଓ ଖଳାରେ ପଡି ରହିଥିବାରୁ ଅଦିନିଆ ବର୍ଷା ସମ୍ପୁର୍ଣ୍ଣ ଭାବେ ଧୋଇ ଦେଇଛି। କ୍ଷେତରେ ଥିବା ଧାନ ପାଣିରେ ଭାସୁଥିବାବେଳେ ଖଳାରେ ଧାନ ସାଇତିବା ପାଇଁ ଆବଶ୍ୟ ଜରିପାଲ ନଥିବାରୁ ଧାନ ଓଦା ହୋଇ ଯାଇଥିବାରୁ ଗଜା ହେବାକୁ ବସିଲାଣି ବୋଲି ଚାଷୀମାନେ କହିଛନ୍ତି। ଚାଷୀମାନେ ଅମଳଧାନ ଘରକୁ ଆଣିବା ପରେ ଧାର କରଜ ଟଙ୍କା ପରିଶୋଧ କରିବା ସହିତ ବର୍ଷକର ଗୁଜୁରାଣ ମେଣ୍ଟାଇଥାନ୍ତେ । ହେଲେ ସବୁ ଆଶା ଆଶଙ୍କା ବର୍ଷା ଧୋଇ ଦେଇଥିବା କହିଛନ୍ତି ଚାଷୀମାନେ। ତୁରନ୍ତ କୃଷି ବିଭାଗ ପକ୍ଷରୁ ଅନୁଧ୍ୟାନ କରି ସହାୟତା ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ



ଜଗତସିଂହପୁର ତା-୨୩/ ୧୨(ନି.ପ୍ର): ରଘୁନାଥପୁର ବ୍ଲକ ଜଗନ୍ନାଥପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପଞ୍ଚତ୍ରିଂଶତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋମବାର ସନ୍ଧ୍ୟାରେ ବିଦ୍ୟାମନ୍ଦିର ପରିଚାଳନା ସମିତିର ସଭାପତି ଗୁରୁନାରାୟଣ ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ନାଇଜରର କୁଳସଚିବ ଡ. ଅଭୟ କୁମାର ନାୟକ ମୂଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କୋମଳମତି ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସମ୍ବନ୍ଧୀୟ ଦିଗଦର୍ଶନ ଦେବା ସହ ପୂଜ୍ୟ ଗରୁ ଓ ମାତାପିତାଙ୍କ ପ୍ରତି ଭକ୍ତିଭାବ ଉଦ୍ରେକ ପାଇଁ ପରାମର୍ଶ ରଖିଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରାନ୍ତ ସମ୍ପର୍କ ପ୍ରମୁଖ ସର୍ବେଶ୍ୱର ବେହେରା ମୁଖ୍ୟବକ୍ତା ଭାବେ ଉପବିଷ୍ଟ ହୋଇ ଶିକ୍ଷା, ଶିକ୍ଷକ ଓ ଶିକ୍ଷାର୍ଥୀ ଏକ ତ୍ରିଭୁଜ ସଦୃଶ୍ୟ ଏବଂ ପରସ୍ପର ନଜର ଦାଇତ୍ୱ ନିର୍ବାହ କଲେ ଶିକ୍ଷାନୁଷ୍ଠାନର ଗାରିମା ଟେକ ରହିବ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ସଙ୍କୁଳ ପ୍ରମୁଖ ଅଶୋକ କୁମାର ରାଉତରାୟ ଓ ପ୍ରଧାନ ଆଚାର୍ଯ୍ୟ ବସନ୍ତ କୁମାର ଲେଙ୍କା ଶିକ୍ଷା ସମ୍ପର୍କୀୟ ଉପଦେଶ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ବିଦ୍ୟାମନ୍ଦିରର ସମ୍ପାଦକ ଅଜୟ କୁମାର ନାୟକ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ରଖିଥିଲେ। ଏହି ଅବସରରେ କ୍ରୀଡା ସହ ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିବା କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ପକ୍ଷରୁ ପୁରସ୍କୃତ କରାଯାଇଥିଲା ।ଗୁରୁମା ସୁବାସିନି କର ସଭା ସଞ୍ଚାଳନ ଓ ଗୁରୁଜୀ ରୁଦ୍ର ପ୍ରସନ୍ନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। କମିଟିର ଉପସଭାପତି ନିର୍ମଳେନ୍ଦୁ ସୋମ, କୋଷାଧକ୍ଷ ସଚ୍ଚିକାନ୍ତ ମହାନ୍ତି, ସଦସ୍ୟା ବିଷ୍ଣୁପ୍ରିୟା ଜେନା ଓ ରଶ୍ମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବିଦ୍ୟାମନ୍ଦିରର ଗୁରୁମା ଗୁରୁଜୀ ବୃନ୍ଦ ସହଯୋଗ କରିଥିବାବେଳେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଉପସ୍ଥିତ ଥିଲେ ।ସଭା ଶେଷ ପରେ ସାଂସ୍କୃତିକ ପ୍ରମୁଖ ଦେବୀ ପ୍ରାସାଦ ଆଚାର୍ଯ୍ୟଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା।

## ଭଙ୍ଗାଦଦରା ଘରେ ବିତୁଛି ଜୀବନ, ଫେଲ୍ ମାରିଛି ଆବାସ ଯୋଜନା



ଫୁଲବାଣୀ, ୨୩/ ୧୨ : କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କୁଏରୀମାଣ୍ଡୁ ପଞ୍ଚାୟତ ଗୁଟ ଗ୍ରାମର ଦୀର୍ଘ ବର୍ଷରୁ ରହିଆସୁଛନ୍ତି ଦିନ କହଁର ଓ ତାଙ୍କ ପରିବାର । ପରିବାର ଲୋକଙ୍କ କହିବା ମୁତାବକ ଗତ ଲଗାଣ ବର୍ଷାରେ ଘର କାନ୍ଥ ଭୁଷୁଡି ଯାଇଥିଲା । ବହୁବାର ପଞ୍ଚାୟତଠାରୁ ଆରମ୍ଭ କରି ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ତରଫରୁ ଖଣ୍ଡିଏ ଜରିପାଲ ମଧ ମିଳିପାରିଲାନି । କୁଲି ମଜୁରୀ କରି ପରିବାର ପରିପୋଷଣ କରିଆସୁଥିବା ଦିନ କହଁର ଏହି ଭଙ୍ଗା ଘରକୁ ସଜାଡିବା ମଧ ସମ୍ଭବ ହୋଇପାରୁନାହିଁ । ବର୍ଷବର୍ଷ ଧରି ଘର ଖଣ୍ଡିଏ ପାଇଁ ବାରମ୍ବାର ଦାବି ଜଣାଇ ଆସୁଥିଲେ ମଧ୍ୟ ଘର ଖଣ୍ଡିଏ ମିଳି ପାରୁନାହିଁ । ଫଳରେ ଦିନ କହଁରଙ୍କ ପରିବାରର ୫ ଜଣ ସଦସ୍ୟ ଏହି ଭଙ୍ଗାରୁଜା ଘରେ ଜରି ପାଲ ତଳେ ଅତି ଦୟନୀୟ ଅବସ୍ଥାରେ ରହି ଆସୁଛନ୍ତି । ଏଠି ପ୍ରଶ୍ନ ଉଠୁଛି କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ହିତାଧିକାରୀଙ୍କ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଘର ଯୋଗାଇ ଦେଉଥିବା ବେଳେ ପ୍ରକୃତ ହିତାଧିକାରୀ ମାନଙ୍କୁ ଏହି ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିପାରୁନି । ଦିନେ ନୁହେଁ କି ମାସେ ନୁହେଁ ଅନେକ ବର୍ଷରୁ ଏହି ଭଙ୍ଗା ଜରିପାଲ ତଳେ ଦିନ ବିତୁଛି । ଘର ଖଣ୍ଡିଏ ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବେଦନ କରିଥିଲେ ମଧ କେହି ଶୁଣୁନାହାନ୍ତି ବୋଲି କହିଛନ୍ତି ଦିନ କହଁର । ବର୍ତ୍ତମାନ ଗୋଟେପଟେ କିଛିଦିନ ହେଲା ଅଦିନିଆଁ ବର୍ଷା ଦାଉ ସାଧୁଥିବା ବେଳେ ଅନ୍ୟପଟେ ଘର କାନ୍ଥ ଫାଟି ଯାଇଥିବାରୁ ଭୟରେ ପରିବାର ବହୁ ଦୁଃଖ କଷ୍ଟରେ ବସବାସ କରୁଛନ୍ତି । ସରକାର ଯୋଜନା ମାଧମରେ ଏହି ଗରିବ ପରିବାର ଦୁଃଖ ଶୁଣି ଆବାସ ଗୃହ ଯୋଗାଇ ଦେବା ପାଇଁ ପରିବାର ଦାବି କରିଛନ୍ତି। । ତେଣୁ ପ୍ରଶାସନ ଏଥିପ୍ରତି ସଠିକ ଦୃଷ୍ଟି ଆକର୍ଷଣ କରିବା ସହ ଦିନ କହଁରଙ୍କୁ ଆବାସ ଗୃହ ଯୋଗାଇ ଦେବା ପାଇଁ ଗ୍ରାମ ବାସୀ ମଧ ଦାବି କରିଛନ୍ତି । ଅନ୍ୟପଟେ ଦେଖିବାକୁ ବାକି ରହିଲା ପ୍ରଶାସନ କେବେ ଶୁଣିବେ ଅସହାୟ ଦିନ କହଁରଙ୍କ ଗୁହାରି ।

## ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଭତ୍ତା ବୃଦ୍ଧି ଦାବିରେ ଭବାନୀପାଟଣାରେ ବୈଠକ



ଭବାନୀପାଟଣା ତ ୨୩/ ୧ ୨ ( ଜ ଗ ନ୍ନା ଥ ଏକ୍ସପ୍ରେସ୍)ବିଜେପି ସରକାର ନିର୍ବାଚନ ସମୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଭତ୍ତା ୩୦୦୦ ଟଙ୍କାକୁ ବୃଦ୍ଧି କରିବା ପ୍ରତିଶୃତି ଦେଇଥିଲେ। ତାପରେ ସରକାର ଗଠନର ପ୍ରଥମ ବଜେଟ୍ ରେ ୮୦ବର୍ଷରୁ ଉର୍ଦ୍ଧ୍ୱ ବାର୍ଦ୍ଧକ୍ୟ ଏବଂ ୮୦% ଉର୍ଦ୍ଧ୍ୱ ଭିନ୍ନକ୍ଷମମାନଙ୍କୁ ଭତ୍ତା ୩୫୦୦ଟଙ୍କା ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ କିନ୍ତୁ ଆଜିକୁ ୬ମାସ ପରେ ବି ହିତାଧିକାରୀ ହତାଶ ହେଇଛନ୍ତି। ତେଣୁ ଆଜି ଭବାନୀପାଟଣା ମୁନିସିପାଲିଟିର ୱାର୍ଡ ନଂ-୦୩ ର ୧୦୦ରୁ ଉର୍ଦ୍ଧ୍ୱ ଭତ୍ତା ହିତାଧିକାରୀଙ୍କୁ ନେଇ ରାମନଗର ପଡା ସ୍ଥିତ ବିଶ୍ୱାଳ ନର୍ସରୀ ଗଳି ଠାରେ 'ମୁଇଁ କଳାହାଣ୍ଡିଆ ଫର୍ କଳାହାଣ୍ଡି' ସଂଗଠନ ତରଫରୁ ଏକ ବୈଠକ ହୋଇଯାଇଅଛି । ଯଦି ସରକାର ଇଂରାଜୀ ନବ ବର୍ଷ ୨୦୨୫ ଭିତରେ ଭତ୍ତା ୩୦୦୦-୩୫୦୦ ଟଙ୍କା ଘୋଷଣା ନ କରନ୍ତି ତାହେଲେ ଆଗାମୀ ଦିନରେ ତିବ୍ର ଆନ୍ଦୋଳନ ହେବା ପାଇଁ ସଂଗଠନ ତରଫରୁ ସଜବାଜ ହେଉଛି ବୋଲି ସଂଗଠକ ଲକ୍ଷ୍ମୀନାରାୟଣ ପଣ୍ଡା କହିଛନ୍ତି । ନାରୀ ନେତ୍ରୀ କବିତା ରାଉତ, ସୀତାରାମ ଘି ପ୍ରମୁଖ ଉଦବୋଧନ ଦେଇଥିଲେ ଏବଂ ଭତ୍ତାଧିକାରୀମାନେ ମଧ୍ଯ ଅସନ୍ତୋଷ ବ୍ୟକ୍ତ କରି ଆଗାମୀ ଦିନରେ ହଜାର ହଜାର ସଂଖ୍ଯାରେ ଯାଇ ଜିଲ୍ଲାପାଳ ଅଫିସ୍ ଘେରାଓ କରିବୁ କହିଥିଲେ । ଏହି ବୈଠକ ସଫଳ କରିବା ପାଇଁ ସଦସ୍ଯ ବିଶ୍ୱନାଥ ବାଗ, ପୁର୍ଣ୍ଣ ଚନ୍ଦ୍ର ଗଉଡ, ନିରଞ୍ଜନ ନାଗ, ମନୋରଞ୍ଜନ ରୟ, ବୈଷ୍ଣବ ନାଗ ଓ ସୌମ୍ୟରଂଜନ କର ପ୍ରମୁଖ ସହଯୋଗ କରିଥିଲେ।

## ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ

ଭବାନୀପାଟଣା ତା. ୨୨.୧୨.୨୦୨୪ (ଜଗନ୍ନାଥ ଏକ୍ସପ୍ରେସ୍)ଚଳିତ ବର୍ଷ ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଭବାନୀପାଟଣା ଠାରେ ଅନୁଷ୍ଠିତ ହୋଇଥିଲା । କୃଷି ଓ କୃଷକ ସଶକ୍ତିକରଣ ହେବ ! ଏହି ଉପଲକ୍ଷେ ପାଣି ପଞ୍ଚାୟତ ସମ୍ବନ୍ଧରେ ଆଲୋଚନା ଚକ୍ରମାନ ଅନୁଷ୍ଠିତ ହୋଇଥିଲା । କୃଷକ ମାନଙ୍କୁ କିଭଳି ସୁବିଧା ମିଳି ପାରିବ ଏବଂ ସରକାରୀ ଆର୍ଥିକ ସହୟତାର ସଚେତନତା, ଏବଂ ଗ୍ରାମାଞ୍ଚଳ ରେ ଯେଉଁ ସବୁ ଅସୁବିଧା ଉପୁଜେ ତାହାର ସମାଧାନ ଏବଂ ଚାଷ ଜମିରେ ଜଳ ସଙ୍କଟ କୁ ଦୂର କରିବା ଓ କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡିକର ପ୍ରଚାର ଓ ପ୍ରସାର, ଏହି କାର୍ଯ୍ୟାକ୍ରମରେ ସମ୍ମାନିତ ଅତିଥି ଭାବରେ ଅଡ୍ଡିସନାଲ ଚିଫ ଇଞ୍ଜିନିୟର, ନିର୍ଭିଘନ୍ନ ଭୋଇ, ସୁପରିଟେଣ୍ଡନ୍ତ ଇଞ୍ଜିନିୟର ଯୀଶୁକୃଷ୍ଣ ବେରିହା, ବ୍ଲକ ଚେୟାରମ୍ୟାନ ମୁନା ମହାନ୍ତି, ମାନ୍ୟବର ବିଧାୟକ ନର୍ଲା ଶ୍ରୀମତି ମନୋରମା ମହାନ୍ତି, ଏମପି ରିପ୍ରେଜେଣ୍ଟିବ ଜୟ ଶଙ୍କର ନାଏକ ଯୋଗଦେଇଥିଲେ ଏବଂ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଚାଷୀମାନେ କିପରି ଅଧିକ ସଚେତନ ହୋଇ ଆଧୁନିକ କୃଷି ପ୍ରଣାଳୀ ଆପଣେଇ ଲାଭବାନ ହୋଇପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ଏବଂ ଏହି କାର୍ଯ୍ୟକ୍ରମ ରେ ବହୁ ସଂଖ୍ୟା ରେ ଚାଷୀ ଭାଇ ମାନେ ଉପସ୍ଥିତ ଥିଲେ ଏବଂ ବିଭିନ୍ନ ବ୍ଲକ ରୁ ମଧ ବହୁ ସଂଖ୍ୟାରେ ଆସିଥିଲେ ! ଏହି କାର୍ଯ୍ୟାକ୍ରମ ରେ ପାଣି ପଞ୍ଚାୟତ ପକ୍ଷ କ୍ଷେତ୍ର ରେ ଚାଷୀ କୃଷକ ମାନଙ୍କୁ ସୁଦୃଢ଼ କରିବା ଏବଂ ବିଭିନ୍ନ କ୍ଷେତ୍ର ରେ ସ୍ୱାବଲମ୍ବି ହୋଇପାରିବେ ! ଜଳ ସମ୍ପଦ ବିଭାଗ ଅନୁକଲ୍ୟରେ ଜିଲ୍ଲା ସ୍ତରୀୟ ପାଣି ପଞ୍ଚାୟତ ରଥ ପରିକ୍ରମା ଅନୁଷ୍ଠିତ ହୋଇଥିଲା ! ଏବଂ ଲିଫ୍ଟ ଇରିଗସନ ମାଧମରେ ଚାଷ ଜମିରେ ପାଣି ଯୋଗେଇବା ଏବଂ କୃଷକ ମାନଙ୍କର ଚାଷ ରେ ଉନ୍ନତିକରନ କରିବା ! ଚାଷୀ ଭାଇ ମାନେ ଅଛନ୍ତି ତା ଆମେ ଅଛୁ ତାଙ୍କ ଖୁସିରେ ସମସ୍ତଙ୍କର ଖୁସି ! ଚାଷୀ ଆତ୍ମହତ୍ୟା କେମିତି ଦୂର ହେବ ସେ ଦିଗରେ ମଧ ଧ୍ୟାନ ଦିଆଯିବ ! ଜଳସେଚନ ମାଧ୍ୟମରେ ଚାଷୀ କୃଷକ ମାନଙ୍କୁ ସୁବିଧା ଦେବା ! ଏହି ମଞ୍ଚ ରେ ବିଭିନ୍ନ ଛାତ୍ର ଛାତ୍ରୀ ମାନଙ୍କୁ ଉର୍ତ୍ତିନ୍ନ ହୋଇଥିବା ଅତିଥି ଙ୍କ ଦ୍ୱାରା ସମ୍ମାନିତ କରାଗଲା । ଚାଷୀ ହେଉଛନ୍ତି ଏ ଦେଶର ମେରୁଦଣ୍ଡ ! ତାଙ୍କେ ଚାଷ କଲେ ଆମେ ଦୁଇ ମୁଣ୍ଡା ଅର୍ଣ୍ଣ ଖାଇ ପାରୁଛୁ ! ଏବଂ ବିଭିନ୍ନ ପ୍ରକାର ଖାଦ୍ୟ ଆମେ ଖାଇ ପାରୁଛୁ ଓ ବାହାରକୁ ମଧ ରାପ୍ତାନି କରାଯାଇପାରୁଛି ! ବିଭିନ୍ନ ସମୟରେ ଚାଷ ଜମିରେ ଜଳ ସଙ୍କଟ ନ ଉପୁଜେ ସେ ଦିଗରେ ସରକାରୀ କ୍ଷେତ୍ର ରେ ଚାଷୀ କୃଷକ ମାନଙ୍କୁ କିପରି ସୁବିଧା କରାଯାଇପାରିବ ସେ ଦିଗରେ ଆଲୋକପାତ କରିଥିଲେ ! ଏବଂ ଧାନ ମଣ୍ଡି ରେ ଚାଷୀ ମାନଙ୍କୁ କଟଣୀ ଚଟଣି ସରକାର ସହଯୋଗ ନିହାତି ଦରକାର, ଏବଂ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୋଇଥିଲା।

## କେସିଙ୍ଗା ଭଲିବଲ ଏସୋସିଏସନ ପକ୍ଷରୁ ଏକଦିବସୀୟ ଦିବାରାତ୍ରି ପ୍ରତିଯୋଗିତା



କେସିଙ୍ଗା, ୨୨/ ୧୨(ଜଗନ୍ନାଥ ଏକ୍ସପ୍ରେସ୍) କଳାହାଣ୍ଡି ଜିଲ୍ଲା କେସିଙ୍ଗା ଭଲିବଲ ଏସୋସିଏସନ ପକ୍ଷରୁ ସହରର ବିଦ୍ୟାପୀଠ ଖେଳପଡିଆ ଠାରେ ଚିତ୍ତାକର୍ଷକ ଏକ ଦିବସୀୟ ଦିବାରାତ୍ରି ଭଲିବଲ ନକଆଉଟ ପ୍ରତିଯୋଗିତା ଗତକାଲି ଅନୁଷ୍ଠିତ ହୋଇ ଯାଇଛି ଓଡ଼ିଶା ସମେତ ପଡ଼ୋଶୀ ଝାରଖଣ୍ଡ ରାଜ୍ୟର ଭଲିବଲ ଟିମ ସମେତ ସମୁଦାୟ ୮ ଟିମ ପ୍ରତିଯୋଗିତା ରେ ଭାଗ ନେଇ ଥିଲେ। ଦିନ ୧୧ ରୁ ଆରମ୍ଭ ହୋଇ ଥିବା ଉକ୍ତ ପ୍ରତିଯୋଗିତା ର ଉଦ୍ଘାଟନ ଉତ୍ସବ ର ମୁଖ୍ୟ ଅତିଥି ଭାବରେ କେସିଙ୍ଗା ବ୍ଲକ ଅଧକ୍ଷ ଚନ୍ଦନ ସେନାପତି ଯୋଗ ଦେଇ ଥିବା ବେଳେ ଫାଇନାଲ ଖେଳର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ ନର୍ଲା ବିଧାୟିକା ମନୋରମା ମହାନ୍ତି ଓ ନର୍ଲା ବ୍ଲକ ଅଧକ୍ଷ ମୁନା ମହାନ୍ତି ଓ କେସିଙ୍ଗା ନଗର ପାଳ ନୃପ ରାଜ ଯାଦବ। ପ୍ରଥମେ ପୂର୍ବତନ ଖେଳାଳୀ ସ୍ୱର୍ଗତ ତ୍ରିଲୋକ୍ୟ ସ୍ୱାଇଁ ଙ୍କ ସ୍ମୃତିଚାରଣ କରିବା ସହ ତାଙ୍କର ଖେଳ ପ୍ରତି ଅବଦାନ ଉପସ୍ଥାପନା କରାଯାଇ ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା ।ଫାଇନାଲ ଖେଳ ବରଗଡ଼ ର ଦୁଇଟି ଦଳ ମଧ୍ୟରେ ଅନୁଷ୍ଠିତ ହୋଇ ଥିବା ବେଳେ ବରଗଡ଼ ଯୁବାମଞ୍ଚ ଦଳ ବରଗଡ଼ ଡି ଡି ଏ ଦଳ କୁ ହରାଇ ବିଜୟୀ ହୋଇ ଆକର୍ଷଣୀୟ ଟ୍ରଫି ସହ ନଗଦ ୨୦ ହଜାର ଟଙ୍କା ଓ ଉପ ବିଜେତା ଦଳ କୁ ନଗଦ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇ ଥିଲା ।ଖେଳ ପରିଚାଳନା କରିଥିଲେ ୬ ଜଣ ରାଜ୍ୟ ସ୍ତରୀୟ ଖେଳ ପରିଚାଳକ ।ପ୍ରତିଯୋଗିତାରେ ଅନ୍ୟ ମାନଙ୍କ ମଧ୍ୟରେ ସଂଘ ର ସଂଯୋଜକ ବି ମୂରଲୀଧର ଆଚାରୀ, ସଭାପତି ଆଶ୍ୱିନ କୁମାର ପାଇକରାଏ ,ଉପ ସଭାପତି ଧୀରଜ ଜୈନ,ସମ୍ପାଦକ ଶିଶିର ପରିଡ଼ା,ସହ ସମ୍ପାଦକ ବଜରଙ୍ଗ ଜୈନ,କୋଷାଧକ୍ଷ ପ୍ରଫୁଲ୍ଲ ପାଠି, ନବୀନ ନାଏକ, ସିଦ୍ଧାନ୍ତ ବନଛୋର,ଉଦିତ ଚାନ୍ଦନି,ଶକ୍ତି ପାଇକରାଏ ,ବଳରାମ ପଟ୍ଟନାୟକ, ରଘୁରାଜ ସିଂ,ସତ୍ୟବ୍ରତ ଦାସ, ଆଶୁତୋଷ କରୁଆ,ପୁରୁଷୋତ୍ତମ ନାଏକ,ରାଜେଶ ନାଏକ ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନା ରେ ସହଯୋଗ କରିଥିଲେ ।ଖେଳର ଧାରା ବିବରଣୀ ଶୁଣାଉଥିଲେ ଚନ୍ଦ୍ରଶେଖର ଅଚାରୀ,ରଞ୍ଜନ ପଣ୍ଡା ଓସମୀର ବେହେରା ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ